visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.204, Bhubaneswar Saturday, September 21, 2019 | ୨୨ତମ ବର୍ଷ ସଂଖ୍ୟା-୨୦୪ ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୨୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବିକାଶ ଓ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ନୂଆ ବ୍ୟବସ୍ଥା

ନୂଆଦିଲ୍ଲୀ, ୨୦।୯(ପି.ଏନ): ଭାରତ ସରକାର ଆୟକର ଆଇନ ୧୯୬୧ ଏବଂ ଅର୍ଥ (ସଂଖ୍ୟା ୨) ଆଇନ ୨୦୧୯ରେ କେତେକ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ କର ନିର୍ଦ୍ଧାରଣ ଆଇନ (ସଂଶୋଧନ) ଅଧ୍ୟାଦେଶ ୨୦୧୯ ଆଗତ କରିଛନ୍ତି। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆଜି ଗୋଆରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅର୍ଥମନ୍ତ୍ରୀ ଏହି ସଂଶୋଧନର ଯେଉଁ ବିଶେଷତ୍ୱ ବିଷୟରେ ସୂଚନା ଦେଇଥିଲେ। ବିକାଶ ଏବଂ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଏକ ନୂଆ ବ୍ୟବସ୍ଥା କରାଯାଇଛି। ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ଲାଗୁ ହେବ। ଏହି ବ୍ୟବସ୍ଥା ଦ୍ୱାରା ଯେକୌଣସି ଘରୋଇ କମ୍ପାନୀ ୨୨% ହାରରେ ଆୟକର ପରିଶୋଧ କରିବାର ବିକଳ୍ପ ପାଇବେ। ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନ ଗ୍ରହଣ ନକରିବାର ସର୍ତ୍ତରେ ସେମାନଙ୍କୁ ଏହି ସୁବିଧା ମିଳିପାରିବ। ସରଚାର୍ଜ ଏବଂ ସେସକୁ ମିଶାଇ କମ୍ପାନୀଗୁଡ଼ିକ ପାଇଁ ଲାଗୁ ଦର ୨୫.୧୭% ରହିବ। ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ। ଉତ୍ପାଦନ କ୍ଷେତ୍ରରେ ନୂଆ ନିବେଶକୁ ଆକୃଷ୍ଟ କରିବା ଏବଂ ସରକାରଙ୍କ 'ମେକ ଇନ ଇଣ୍ଡିଆ'କୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଆଉ ଏକ ନୂଆ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯାଇଛି। ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ଲାଗୁ ହେବ। ୧ ଅକ୍ଟୋବର ୨୦୧୯ କିମ୍ବା ଏହାପରେ ପ୍ରତିଷ୍ଠିତ ହୋଇଥିବା ଯେକୌଣସି ନୂଆ ଉତ୍ପାଦନଭିତିକ ଘରୋଇ କମ୍ପାନୀକୁ ୧୫% ଦରରେ ଟିକସ ପଇଠ କରିବାର ବିକଳ୍ପ ମିଳିବ। ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେଉଥିବା ଏବଂ ୩୧ ମାର୍ଚ୍ଚ ୨୦୨୩ କିମ୍ବା ତା' ପୂର୍ବରୁ ଉତ୍ପାଦନ ଆରମ୍ଭ କରୁଥିବା କମ୍ପାନୀକୁ ଏହି ସୁବିଧା ମିଳିବ ନାହିଁ। ସରଚାର୍ଜ ଏବଂ ସେସ୍‌କୁ ମିଶାଇ ଏହି କମ୍ପାନୀଗୁଡ଼ିକ ପାଇଁ ଲାଗୁ ଟିକସ ଦର ୧୭.୦୧% ରହିବ। ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ। ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରୁନଥିବା ତଥା ଟିକସ ଛାଡ଼ କିମ୍ବା ପ୍ରୋତ୍ସାହନର ଲାଭ ଉଠାଉଥିବା କମ୍ପାନୀକୁ ପୂର୍ବ ସଂଶୋଧିତ ଦରରେ ଟିକସ ପଇଠ କରିବାକୁ ପଡ଼ିବ। ତେବେ ଏପରି କମ୍ପାନୀ ନିଜ ଟିକସ ଛାଡ଼ ଅବଧି ଶେଷ ହେବା ପରେ ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରିପାରିବେ। ବିକଳ୍ପ ଚୟନ କରିବା ପରେ ସେମାନେ ୨୨% ଦରରେ ଟିକସ ପଇଠ କରିବା ଲାଗି ଉତରଦାୟୀ ହେବେ। ଥରେ ଏହି ବିକଳ୍ପ ଚୟନ କରିବା ପରେ ଏହି ବିକଳ୍ପକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ। ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେବା ଜାରି ରଖୁଥିବା କମ୍ପାନୀଗୁଡ଼ିକୁ ରିହାତି ପ୍ରଦାନ କରିବା ଲାଗି ସର୍ବନିମ୍ନ ବିକଳ୍ପ ଟିକସ ଦରକୁ ୧୮.୫%ରୁ ହ୍ରାସ କରି ୧୫% କରି ଦିଆଯାଇଛି। ପୁଞ୍ଜି ବଜାରରେ ଅର୍ଥ ପ୍ରବାହକୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି, ଏଚୟୁଏଫ, ଏଓପି, ବିଓଆଇ ଏବଂ ଏଜେପି ହାତରେ ଥିବା ଏକ କମ୍ପାନୀ କିମ୍ବା ଇକ୍ୟୁଟି ଆଧାରିତ ପାଣ୍ଠି, କିମ୍ବା ପ୍ରତିଭୂତି କାରବାର ଟିକସ ପାଇଁ ଉତରଦାୟୀ ଏକ ବ୍ୟବସାୟିକ ଟ୍ରଷ୍ଟର ଏକ ୟୁନିଟରେ ଇକ୍ୟୁଟି ଶେୟାର ବିକ୍ରିରୁ ମିଳୁଥିବା ପୁଞ୍ଜି ଲାଭ ଉପରେ ଅର୍ଥ (ସଂଖ୍ୟା ୨), ଆଇନ ୨୦୧୯ ଦ୍ୱାରା ବର୍ଦ୍ଧିତ ସରଚାର୍ଜ ଲାଗୁ ହେବ ନାହିଁ। ବର୍ଦ୍ଧିତ ସରଚାର୍ଜ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ଦ୍ୱାରା ଡେରିଭେଟିଭ୍ସ ସମେତ କୌଣସି ପ୍ରକାର ପ୍ରତିଭୂତି ବିକ୍ରିରୁ ହେଉଥିବା ଲାଭ ଉପରେ ମଧ୍ୟ ଲାଗୁ ହେବ ନାହିଁ। ୬.୫ ଜୁଲାଇ ୨୦୧୯ ପୂର୍ବରୁ ଶେୟାର ବାଏବ୍ୟାକ ଘୋଷଣା କରୁଥିବା ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ଏଥିପାଇଁ ଲାଗୁ ହେଉଥିବା ଟିକସ ଦେବାକୁ ପଡ଼ିବ ନାହିଁ। ଉକ୍ତ କମ୍ପାନୀଗୁଡ଼ିକୁ ରିହାତି ଦେବା ଲାଗି ଏହି ନିଷ୍ପତି ନିଆଯାଇଛି। ସିଏସଆର ଅନ୍ତର୍ଗତ ହେଉଥିବା ୨% ଖର୍ଚ୍ଚର ପରିଧି ବୃଦ୍ଧି କରିବା ଲାଗି ମଧ୍ୟ ସରକାର ନିଷ୍ପତି ନେଇଛନ୍ତି। ବର୍ତମାନ ୨% ସିଏସଆର ଅର୍ଥରାଶି କେନ୍ଦ୍ର କିମ୍ବା ରାଜ୍ୟ ସରକାର କିମ୍ବା ଅନ୍ୟ କୌଣସି ଏଜେନ୍ସି କିମ୍ବା କେନ୍ଦ୍ର ଓ ରାଜ୍ୟର ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ଅର୍ଥ ଯୋଗାଣ ହେଉଥିବା ଇନକ୍ୟୁବେଟର୍ସ ଉପରେ ମଧ୍ୟ ଖର୍ଚ୍ଚ କରାଯାଇପାରିବ। ଏଥିସହିତ ଏସଡିଜିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଏବଂ ମେଡିସିନ କ୍ଷେତ୍ରରେ ଗବେଷଣା କରୁଥିବା ସରକାରୀ ବିଶ୍ୱ ବିଦ୍ୟାଳୟ, ଆଇଆଇଟି, ଜାତୀୟ ଗବେଷଣାଗାର ଏବଂ ସ୍ୱାୟତ ସଂସ୍ଥା (ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଆଇସିଏଆର, ଆଇସିଏମଆର, ସିଏସଆଇଆର, ଡିଏଇ, ଡିଆରଡିଓ, ଡିଏସଟି ଅଧୀନରେ ପ୍ରତିଷ୍ଠିତ) ଲାଗି ମଧ୍ୟ ଏହି ଅର୍ଥ ଖର୍ଚ୍ଚ କରାଯାଇପାରିବ। କର୍ପୋରେଟ ଟିକସ ଦରରେ ରିହାତି ଏବଂ ଅନ୍ୟ ରିହାତି ଘୋଷଣା ହେବା ଫଳରେ ରାଜକୋଷ ଉପରେ ୧,୪୫,୦୦୦ କୋଟି ଟଙ୍କାର ବୋଝ ପଡ଼ିବ।



ଚଣ୍ଡିଗଡ଼ଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଇଆରଏସଏସ୍-୧୧୨ର ଉନ୍ମୋଚନ କରୁଛନ୍ତି

### ହୀରାକୁଦର ୨ଟି ଗେଟ୍ ଖୋଲିଲା

ଭୁବନେଶ୍ୱର, ୨୦।୯(ପି.ଏନ): ହୀରାକୁଦ ଜଳ ଭଣ୍ଡାରର ଜଳପତନ ୬୩୦ ଫୁଟରେ ପହଂଚିଛି। ଏହି ଜଳପତନ ହ୍ରାସ ପାଇଁ ଦୁଇଟି ଗେଟ୍ ଖୋଲାଯାଇଛି ବୋଲି ଜଳ ଭଣ୍ଡାରର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଖୋଲାଯିବାର ଦୁଇ ଘଂଟା ପୂର୍ବରୁ ସାଇରନ୍ ବାଜିଥିଲା। ତଳ ମୁଣ୍ଡରେ ଥିବା ଲୋକ ମାନଙ୍କୁ ସତର୍କ କରି ଦିଆଯାଇଥିଲା। ସୂଚନା ଯୋଗ୍ୟ ଯେ, ହୀରାକୁଦ ଜଳ ଭଣ୍ଡାରର ବିପଦ ସଂକେତ ୬୩୦ ଫୁଟ।

### କଟକ ବିଏସଏନଏଲ୍ ଅଫିସ୍ ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୦।୯(ପି.ଏନ): କଟକ ବଜ୍ରକବାଟି ରୋଡ୍ ସ୍ଥିତ ବିଏସଏନଲ ଅଫିସ୍ ରେ ଅଗ୍ନିକାଣ୍ଡ ଘଟିଛି। ଏହାଫଳରେ କଟକ ସହରରେ ବିଏସଏନଏଲ୍ ବ୍ରଡବ୍ୟାଣ୍ଡ ସେବା ବ୍ୟାହତ ହୋଇଛି। ନିଆଁକୁ ଆୟତ କରିବାପାଇଁ ଅଗ୍ନିଶମର ୪ ଟି ଗାଡି ନିୟୋଜିତ ଅଛନ୍ତି। ୪୦ ଜଣ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଛି। କେବୁଲ କାମ ଚାଲିଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟରେ ଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଅଗ୍ନିକାଣ୍ଡ ଯୋଗୁଁ ଉକ୍ତ ଅଫିସ୍ ରେ ଥିବା ଆସବାବପତ୍ର, କାଗଜପତ୍ର ଓ କଂଟ୍ରୋଲ ରୁମ୍ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଆଜି ଓଡିଶା ଆସିବେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ

ଭୁବନେଶ୍ୱର, ୨୦।୯(ପି.ଏନ): ଆସନ୍ତାକାଲି ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ। ଶ୍ରୀ ଶେଖାୱତ ଓଡିଶା ଗସ୍ତରେ ଆସି ଭୁବନେଶ୍ୱର ହୋଟେଲ ନିୟୁ ମ୍ୟାରିଅନଠାରେ ସକାଳ ୧୦.୩୦ରେ ରାଷ୍ଟ୍ରୀୟ ଏକତା ଅଭିଯାନ ଅନ୍ତର୍ଗତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଅନୁଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ ସଂପର୍କରେ ଆଲୋଚନା କରିବେ ବୋଲି ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଜନ ସଂପର୍କ ଓ ଜନଜାଗରଣ ଯାତ୍ରା ଅବସରରେ ଜମ୍ମୁ କାଶ୍ମୀରରେ ଅନୁଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ ତାର ଉପଲବ୍ଧି ସଂପର୍କରେ ଶ୍ରୀ ଶେଖାୱତ ଯୁବପିଢୀ ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏବଂ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଯୋଗ ଦେବେ। ଅନୁଛେଦ ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ ଜମ୍ମୁ କାଶ୍ମୀରୀ ବାସିନ୍ଦାଙ୍କ ଜୀବନଶୈଳୀରେ କିପରି ପରିବର୍ତନ ହୋଇଛି ସେ ନେଇ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶେଖାୱତ ଅବଗତ କରାଇବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

### ଓସିଏ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କଲେ ଆଶୀର୍ବାଦଙ୍କ ପୁଅ

ଭୁବନେଶ୍ୱର, ୨୦।୯(ପି.ଏନ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ନିର୍ବାଚନ ପାଇଁ ଆଶୀର୍ବାଦ ବେହେରାଙ୍କ ପୁଅ ସଂଜୟ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଓସିଏ ସମ୍ପାଦକ ପଦବୀରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଶୁକ୍ରବାର ସଂଜୟ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୨୭ ତାରିଖରେ ଓସିଏର ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କ୍ୟାସିଅର ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ମୋଟ ୬ ଟି ପଦବୀ ପାଇଁ ୧୨ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଂଚ, ୨୨ ରେ ପ୍ରତ୍ୟାହାର କରିହେବ। ୨୮ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ। ଏଟି ଚିଟଫଣ୍ଡ ଲିଙ୍କ୍ ମାମଲାରେ ଗତକାଲି ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପୁଅ ହେଉଛନ୍ତି ସଂଜୟ ବେହେରା।

### ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅଞ୍ଚଳ ପରିଦର୍ଶନ

ଭୁବନେଶ୍ୱର, ୨୦।୯(ପି.ଏନ): ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ବର୍ଷ ତମାମ୍ ନାଇଟ୍ ପାଟ୍ରୋଲିଂ ଏବଂ ଫୁଟ୍ ପାଟ୍ରୋଲିଂ ନିୟମିତ କରିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜଙ୍ଗଲ ନିଆଁର ନିରାକରଣ ପାଇଁ ଜଙ୍ଗଲ ନିଆଁ ନିର୍ବାପକ ସ୍କ୍ୱାଡ୍ ଆବଶ୍ୟକୀୟ ଅଗ୍ନି ନିର୍ବାପକ ସାମଗ୍ରୀ ସହ ସର୍ବଦା ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଆରୁଖ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅଞ୍ଚଳ ପରିଦର୍ଶନ କରି ଅଭୟାରଣ୍ୟ ସ୍ଥିତ ଗୋଡ଼ିବାରି, କୁମାର ଖୁଂଟି, ଡେରାସ ଏବଂ ଅମ୍ପିଲୋ ପ୍ରଭୃତି ସ୍ଥାନ ପରିଦର୍ଶନ କରିବା ସହ ଅଭୟାରଣ୍ୟର ପରିଚାଳନା ବ୍ୟବସ୍ଥା ସଂପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ବନଖଣ୍ଡ ଅଧିକାରୀ, ସହକାରୀ ବନ ସଂରକ୍ଷକ, ରେଞ୍ଜ ଅଫିସର, ଫରେଷ୍ଟର ତଥା ଅନ୍ୟାନ୍ୟ ବନ କର୍ମଚାରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ଆରୁଖ ଅଭୟାରଣ୍ୟର ସୁରକ୍ଷା, ଜୀବଜନ୍ତୁଙ୍କ ସୁରକ୍ଷା, ମଣିଷ ଓ ବନ୍ୟପ୍ରାଣୀ ସଂଘର୍ଷର ସଠିକ୍ ପରିଚାଳନା, ବନୀକରଣ, ପରିବେଶ ପର୍ଯ୍ୟଟନ ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିବା ସହ ସମଗ୍ର ଅଭୟାରଣ୍ୟରେ ବର୍ଷସାରା ନାଇଟ୍ ପାଟ୍ରୋଲିଂ ଏବଂ ଫୁଟ୍ ପାଟ୍ରୋଲିଂ ନିୟମିତ ଭାବେ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଜଙ୍ଗଲ ନିଆଁର ନିରାକରଣ ପାଇଁ ଜଙ୍ଗଲ ନିଆଁ ନିର୍ବାପକ ସ୍କ୍ୱାଡ୍ ଆବଶ୍ୟକୀୟ ଅଗ୍ନି ନିର୍ବାପକ ସାମଗ୍ରୀ ସହ ସର୍ବଦା ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଅଭୟାରଣ୍ୟରେ ହାତୀଙ୍କ ସୁରକ୍ଷା ଓ ପରିଚାଳନା ପାଇଁ ଆସୁଥିବା ଅର୍ଥର ସୁବିନିଯୋଗ କରିବା ଏବଂ ଅର୍ଥ ବ୍ୟୟ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବର୍ତମାନ ଅଭୟାରଣ୍ୟରେ ୧୨ଟି ୱାଚ୍ ଟାୱାର ଅଛି ଯାହାକି ପର୍ଯ୍ୟାପ୍ତ ନୁହେଁ। ତେଣୁ ହଜବନ୍ଧଠାରେ ଆଉ ଏକ ୱାଚ ଟାୱାର ନିର୍ମାଣ ନିମନ୍ତେ ଅନୁମୋଦିତ ୨୦ ଲକ୍ଷ ଟଙ୍କା ତୁରନ୍ତ ବ୍ୟୟ କରି ଏକ ୱାଚ୍ ଟାୱାର ନିର୍ମାଣ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଚନ୍ଦକା ବନଖଣ୍ଡ ଅଧିକାରୀ କେଦାର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଭାରତ-ମଙ୍ଗୋଲିଆ ଦ୍ୱିପାକ୍ଷିକ ସହଯୋଗ ଦୁଇ ଦେଶର ଅର୍ଥନୀତିକୁ ମଜବୁତ୍ କରିବ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୯(ପି.ଏନ): ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଙ୍ଗୋଲିଆ ଗସ୍ତ ପରେ ପରେ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ୍ ହୋଇଛି। ଦୁଇ ଦେଶର ରଣନୈତିକ ସହଯୋଗ ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଶକ୍ତି ଦେଇଥିବା ବେଳେ ଭାରତ-ମଙ୍ଗୋଲିଆ ଦ୍ୱିପାକ୍ଷିକ ସହଯୋଗ ଦୁଇ ଦେଶର ଅର୍ଥନୀତିକୁ ମଜବୁତ୍ କରିବ ବୋଲି ନୂଆଦିଲ୍ଲୀ ଠାରେ ଏଫଆଇସିସିଆଇ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆୟୋଜିତ ବ୍ୟବସାୟିକ ବୈଠକରେ ମଙ୍ଗୋଲିଆର ରାଷ୍ଟ୍ରପତି ଏଚ୍.ଇ ଖଲ୍‌ଟମାଜିନ୍ ବାଟ୍ଟୁଲ୍‌ଗାଙ୍କ ଉପସ୍ଥିତିରେ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ମଙ୍ଗୋଲିଆ ମଧରେ ଦ୍ୱିପାକ୍ଷିକ ସହଯୋଗ ଏବଂ ବାଣିଜ୍ୟିକ ସମ୍ପର୍କ ସୁଦ୍ଧା ମୋଟ ଉପରେ ବ୍ୟବସାୟର ମାତ୍ରା କମ୍ ରହିଛି। ତେଣୁ ପୁଣି ଥରେ ଦ୍ୱିପାକ୍ଷିକ ବ୍ୟବସାୟ ବୃଦ୍ଧି ହେବା ପାଇଁ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜବୁତ୍ କରିବାର ଆବଶ୍ୟକତା ରହିଛି। ଉଭୟ ଦେଶକୁ ଆଇଟି, ଯୋଗାଯୋଗ ପ୍ରଯୁକ୍ତି ବିଜ୍ଞାନ, ଫାର୍ମାସ୍ୟୁଟିକାଲ ଏବଂ ସ୍ୱାସ୍ଥ୍ୟ ସେବା ଉଦ୍ୟୋଗ କ୍ଷେତ୍ରକୁ ସାମୂହିକ ଧ୍ୟାନରେ ରଖି ଆହୁରି ବୃଦ୍ଧି କାରବାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରର ଭିତିଭୂମି ଉପରେ ମଙ୍ଗୋଲିଆକୁ ଭାରତ ସମର୍ଥନ ଦେଇଥିବା ମତବ୍ୟକ୍ତ ପ୍ରକାଶ କରିଥିଲେ ଶ୍ରୀ ପ୍ରଧାନ। ସେହିପରି ଗୋପାଳନ, ଶିକ୍ଷା ପାଇଁ ଦୁଇ ଦେଶ ମିଳିମିଶି କାମ କରିବାର ଆବଶ୍ୟକ ରହିଛି। ଏହା ଦ୍ୱାରା ଦୁଇ ଦେଶର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି। ପୂର୍ବରୁ ହିଁ ଦୁଇ ଦେଶ ସାଇବର ନିରାପତା କ୍ଷେତ୍ରରେ ଏକ୍ ହୋଇ କାମ କରୁଛନ୍ତି। ଯୁଗ୍ମ ଉଦ୍ୟମରେ ଡିଜିଟାଲ ଦୁନିଆରେ ଲାଭ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ "ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ସହଯୋଗର ବହୁତ ବଡ ସମ୍ଭାବନା ଅଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ-ମଙ୍ଗୋଲିଆ ବନ୍ଧୁତ୍ୱ ଗଣତନ୍ତ୍ରର ସାମାନ୍ୟ ଆଦର୍ଶରମୂଳଦୁଆରେ ନିର୍ମିତ ହୋଇଛି। ଭାରତର ଏବଂ ମଙ୍ଗୋଲିଆ ଗୋଟିଏ ବୌଦ୍ଧିକ ପରମ୍ପରାକୁ ସେୟାରକରୁଛନ୍ତି ବୋଲି ସେ କହିଛନ୍ତି।



### ଜିଲ୍ଲାପାଳଙ୍କ ଦୁର୍ବ୍ୟହାର ଅଭିଯୋଗ, ତାତିଲେ ଆଇନଜିବୀ

ଢେଙ୍କାନାଳ, ୨୦।୯(ପି.ଏନ): ଆଇନଜିବୀଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟହାରକୁ କେନ୍ଦ୍ର କରି ଆଜି ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟ ପାଲଟିଥିଲା ରଣକ୍ଷେତ୍ର। ଆଇନଜିବୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିବା ସହିତ ଅତିରିକ୍ତ ଜିଲ୍ଲାପାଳଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ, ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କେତେକ ମାମଲାର ଶୁଣାଣୀ ଥିଲା। ସେଥିପାଇଁ ଆଇନଜିବୀ ମାନଙ୍କୁ ପୂର୍ବାହ୍ନ ୧୧ ଟାରେ ଆସିବା ପାଇଁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ ଆଇନଜିବୀ ମାନେ ଜିଲ୍ଲାପାଳଙ୍କ ଅଫିସରେ ପହଂଚିଥିଲେ। ମାତ୍ର ଜିଲ୍ଲାପାଳ ସେମାନଙ୍କ ସହିତ କଥା ହେବା ପରିବର୍ତେ ସେସ୍ ଓ ଅବକାରୀ ବିଭାଗ କର୍ମଚାରଙ୍କ ସହିତ ଘଂଟା ଘଂଟା ଧରି ଆଲୋଚନା କରିଥିଲେ। ଆଇନଜିବୀ ମାନେ ଦୀର୍ଘ ସମୟ ଧରି ବାହାରେ ଅପେକ୍ଷା କରିବା ପରେ ବିଳମ୍ବର କାରଣ ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଜିଲ୍ଲାପାଳ ଆଇନଜିବୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଯାହାର ପ୍ରତିବାଦରେ ଅପରାହ୍ନ ପ୍ରାୟ ୩ଟା ସମୟରେ ଆଇନଜିବୀ ମାନେ ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ଏବଂ ଅଫିସ୍ ଘେରାଉ କରିଥିଲେ। ତେବେ ଏହି ସମୟରେ ଜିଲ୍ଲାପାଳଙ୍କୁ ତାଙ୍କ ଚ୍ୟାମ୍ବରରେ ନପାଇ ଆଇନଜିବୀ ମାନେ ତାତି ଉଠିଥିଲେ। ସେଠାରେ ଫୁଲକୁଣ୍ଡ ଓ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏପରିକି ଅତିରିକ୍ତ ଜିଲ୍ଲାପାଳ ଭବେଶ ନାୟକଙ୍କୁ ଠେଲାପେଲା କରିବା ସହିତ ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳ ତାଙ୍କ ଅଫିସ୍ କୁ ନଆସିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ନିଜ ଜିଦ୍ ରେ ଅଟଳ ରହିଛନ୍ତି ଆଇନଜିବୀ ମାନେ। ଉତେଜନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଅଫିସ୍ ରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ସଞ୍ଜୟ ମହାନ୍ତି ହେଲେ ଦକ୍ଷିଣ ପୂର୍ବ ରେଳପଥର ନୂତନ ମହାପ୍ରବନ୍ଧକ

ଭୁବନେଶ୍ୱର, ୨୦।୯(ପି.ଏନ): କଲିକତା ସ୍ଥିତ ଦକ୍ଷିଣ ପୂର୍ବ ରେଳପଥର ନୂତନ ମହାପ୍ରବନ୍ଧକ ଭାବେ ଶ୍ରୀ ସଞ୍ଜୟ କୁମାର ମହାନ୍ତି ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ମହାନ୍ତି ରେଳବାଇ ବୋର୍ଡରେ ଟ୍ରାଫିକ ଟ୍ରାନ୍ସପୋର୍ଟେସନର ପ୍ରିନସିପାଲ ଏକଜୁକୁଟିଭ ଡ଼ାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଭାରତୀୟ ରେଳବାଇରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ଯଥା ପୂର୍ବତଟ ରେଳପଥର ମୁଖ୍ୟ ସତର୍କତା ଅଧିକାରୀ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବେ ଶ୍ରୀ ମହାନ୍ତି କାର୍ଯ୍ୟ କରିଛନ୍ତି। ଭାରତୀୟ ରେଳବାଇରେ ଖୋର୍ଦ୍ଧା ରୋଡ଼ ମଣ୍ଡଳକୁ ଏକ ଶ୍ରେଷ୍ଠ ପଣ୍ୟପରିବହନ ମଣ୍ଡଳ ଭାବେ ଠିଆକରିବାରେ କରିବାରେ ଶ୍ରୀ ମହାନ୍ତିଙ୍କର ଭୂମିକା ପ୍ରଶଂସନୀୟ। ଶ୍ରୀ ମହାନ୍ତି ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକସରେ ଡିଗ୍ରୀ ହାସଲ କରିବା ପରେ ୧୯୮୫ ମସିହାରେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗଦାନ କରିଥିଲେ। ସେ ବାଲେଶ୍ୱରର ଜଣାଶୁଣା ଆଇନଜୀବି ସ୍ୱର୍ଗତ କୃଷ୍ଣ ପ୍ରସାଦ ମହାନ୍ତିଙ୍କର କନିଷ୍ଠ ପୁତ୍ର ଅଟନ୍ତି। ସେ ମଧ୍ୟ ମୁମ୍ବାଇ, ନାଗପୁର, ଝାନ୍ସୀ ଓ କୋଙ୍କଣ ରେଳପଥ ମାନଙ୍କରେ ବହୁ ବରିଷ୍ଠ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା ବେଳେ ରେଳବାଇରେ ପ୍ରଣାଳୀ ନିର୍ମାତା (ସିଷ୍ଟମ ବିଲଡର) ଏବଂ ରେଳବାଇ ପ୍ରଶାସନରେ ନବୀନତା ଆଣିବାପାଇଁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ।

### ମହିଳା ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଯୌନ ନିର୍ଯ୍ୟାତନା ଅଭିଯୋଗ

ରାଉରକେଲା, ୨୦।୯(ପି.ଏନ): ରାଜଗାଙ୍ଗପୁର ନିକଟ ସରବତୀଦେବୀ ମହାବିଦ୍ୟାଳୟର ଜଣେ ଚତୁର୍ଥଶ୍ରେଣୀ ମହିଳା କର୍ମଚାରୀଙ୍କୁ ଦିର୍ଘଦିନ ଧରି ସେହି କଲେଜର କିରାଣୀ ନିୟମିତ ଯୌନ ନିର୍ଯ୍ୟାତନା ଦେବା, ଜଣେ ଅଧ୍ୟାପକ ତାଙ୍କୁ ଆଦିବାସୀ କହି ଗାଳିଗୁଲଜ କରିବା ମାମଲା ନେଇ ସେ କଲେଜର ଅଧ୍ୟକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ୱେ କୌଣସି ସୁଫଳ ନମିଳିବାରୁ ମାସେ ତଳେ ସୁନ୍ଦରଗଡ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ତଥାପି ନ୍ୟାୟ ନମିଳିବାରୁ ଆଜି ପୁଣି ରାଜଗାଙ୍ଗପୁର ଥାନାରେ ଏନେଇ ତାଙ୍କୁ ଏତଲା ଦେବାକୁ ପଡିଛି। ଅଭିଯୋଗ ଅନୁଯାୟୀ, ସେହି କଲେଜର ସମ୍ପୃକ୍ତ ମହିଳା କର୍ମଚାରୀ ଜଣକ ୨୦୧୪ରୁ କଲେଜରେ ୭ ହଜାର ଟଙ୍କାରେ କାମ କରୁଥିଲେ। ତେବେ କାମ କରିବା ଭିତରେ କଲେଜର କିରାଣୀ ପାଣ୍ଡୁ ଚରଣ ପାଇକରାୟ କୁଆଡେ ତାଙ୍କୁ ସୁଯୋଗ ନେଇ ପଛପଟୁ ଭିଡି ଧରିବା, ଅନିଚ୍ଛା ସତ୍ୱେ ଚୁମା ଦେବା ଭଳି କାମ କରିଚାଲିଥିଲେ। ଦରମା ବିଳମ୍ବ ହେଲେ କହିବାକୁ ଗଲେ ପାଣ୍ଡୁ କହୁଥିଲେ ମୋ ଦୁଃଖ ବୁଝୁନାହୁଁ ସେସବୁ ବୁଝିଦେଲେ ତୋ ଦରମା ମଧ୍ୟ ବଢାଇ ଦେବି, ଏଥିସହ ସବୁବେଳେ ଅଶ୍ଳିଳ ଇଙ୍ଗିତ କରି ଶାରିରୀକ ସଂପର୍କ ରଖିବାକୁ ଚାହୁଁଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ମହିଳା ଜଣକ ତାଙ୍କୁ ଚେତାଇ ଦେବା ସହ କହୁଥିଲେ ମୁଁ ତୁମର ଝିଅ ବୟସର ମୋତେ ଏମିତି କୁହନ୍ତୁ ନାହିଁ। ତଥାପି ନିୟମିତ ତାଙ୍କୁ ଏଭଳି ଶାରିରୀକ ଓ ମାନସିକ ନିର୍ଯାତନା ସହିବାକୁ ପଡୁଥିବା ଏବଂ ଏଥିରେ ଅତିଷ୍ଠ ହୋଇ ଶେଷରେ ସେ ଥାନାରେ ଏତଲା କରିବାକୁ ବାଧ୍ୟ ହୋଇଥିବା ଅଭିଯୋଗ ଫର୍ଦରେ ଉଲ୍ଲେଖ କରିଛନ୍ତି। ଏହା ଛଡା ସେ ଲେଖିଛନ୍ତି ଯେ, ସେହି କଲେକର ଅଧ୍ୟାପକ ସପନ କୁମାର ପଣ୍ଡା ତାଙ୍କୁ ଆଦିବାସୀ କହି ନାନା କଥା ଭର୍ତ୍ସନା କରୁଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମଣି ପଟେଲ କଲେଜରେ ବସି ମଦ୍ୟପାନ କରିବା ସହ ପାଟି ତୁଣ୍ଡ କରି ଭିନ୍ନ ପରିବେଶ ସୃଷ୍ଟି କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହି ସବୁ ଅଭିଯୋଗ ନେଇ ପୀଡ଼ିତା ଏକ ମାସ ତଳେ ସୁନ୍ଦରଗଡ଼ ଏସପିଙ୍କ ନିକଟରେ ଅନଲାଇନରେ ଅଭିଯୋଗ କରିଥିଲେ। ପରେ ସୁନ୍ଦରଗଡ଼ ଏସପି ତାଙ୍କୁ ଯୋଗାଯୋଗ କରିବା ସହ କୁତ୍ରା ଥାନାରୁ ଅଫିସର ଯାଇ ମାମଲା ସଂପର୍କରେ ବୁଝିଥିଲେ। ହେଲେ ଏକ ମାସ ଭିତରେ ପୁଲିସ ତାଙ୍କୁ କ'ଣ ନ୍ୟାୟଦେଲା ତାହା ଜାଣିବା ଲାଗି ସୁନ୍ଦରଗଡ ଏସପି ସୌମ୍ୟା ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ବି ତାହା ସମ୍ଭବ ହୋଇନଥିଲା। ଇତି ମଧ୍ୟରେ ଏକ ମାସ ବିତିଯିବା ପରେ ଏହାକୁ ନେଇ କେତେକ ସାମ୍ବାଦିକ ଖୋଳତାଡ଼ କରିବା ସହ କେତେକ ଯାଗାରେ ଖବର ପ୍ରସାରଣ ହେବା ପରେ କଲେଜର ଅଧ୍ୟକ୍ଷ ଗତକାଲି ୩ ଜଣ ସାମ୍ବାଦିକ ତାଙ୍କୁ ବ୍ଲାକମେଲ କରୁଥିବା ନେଇ ରାଜଗାଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପତ୍ରରେ ଅଧ୍ୟକ୍ଷ ଶ୍ରୀ ପଟେଲ ଏହି ଖବର ପ୍ରସାରଣ ବନ୍ଦ ରଖିବା ଲାଗି ତାଙ୍କୁ ୯୦ ହଜାର ମଗାଯାଇଥିବା ଦର୍ଶାଇଛନ୍ତି। ଅଧ୍ୟକ୍ଷଙ୍କ ଅଭିଯୋଗକୁ ଭିତି କରି ରାଜଗାଙ୍ଗପୁର ପୁଲିସ ଏନେଇ ୩ ଜଣ ସାମ୍ବାଦିକଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଯେଉଁ ମାମଲା ନେଇ ଏତେ କଥା ମାସେ କାଳ ସେ ମାମଲା ନେଇ ପୀଡ଼ିତା ପୁଣି ଆଜି ରାଜଗାଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସର ଅବହେଳା ଦ୍ୱାରା ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମାନଙ୍କୁ ସୁରକ୍ଷା ଦେବା ଲାଗି କଲେଜ ଅଧ୍ୟକ୍ଷ ଗଣମାଧ୍ୟମର କଣ୍ଠରୋଧ ଲାଗି ଉଦ୍ୟମ କରି ସଫଳ ହେଲେ ବୋଲି ସାମ୍ବାଦିକ ମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ କଲେଜର ମହିଳା କର୍ମଚାରୀ ଯଦି ସୁରକ୍ଷିତ ନୁହଁନ୍ତି, ତେବେ ସେଠାରେ ଅଧ୍ୟୟନରତ ଛାତ୍ରୀ ମାନେ କେତେ ସୁରକ୍ଷିତ ତାକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଘଟଣାର ନିରପେକ୍ଷ ତଦନ୍ତ ହେଲେ ଅନେକ ଅନାଲୋଚିତ ତଥ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ଚଳାଚଳ ବନ୍ଦ

ଭୁବନେଶ୍ୱର, ୨୦।୯(ପି.ଏନ): ଭୁବନେଶ୍ୱରରୁ ବ୍ୟାଙ୍କକ୍ କୁ ବିମାନ ଚଳାଚଳ ସାମୟିକ ଭାବେ ବନ୍ଦ କରାଯାଇଛି। ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍ କୁ ବିମାନ ଉଡାଣ କରାଯାଉଥିଲା। ଏସମ୍ପର୍କରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏୟାର ଏସିଆ ପକ୍ଷରୁ ଚିଠି ଲେଖି ଜଣାଇଦିଆଯାଇଛି।

### ନାବାଳିକା ଅପହୃତା ଉଦ୍ଧାର, ଅପହର୍ତା କୋର୍ଟ ଚାଲାଣ

କୋରେଇ, ୨୦।୯(ପି.ଏନ): ପାଣିକୋଇଲି ପୁଲିସ ଅପହୃତା ନାବାଳିକାକୁ ଉଦ୍ଧାର କରିବା ସହ ଅପହର୍ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତର୍ଗତ ଝୁଂଟୁଣା ଗ୍ରାମର ଦାମୋଦର ପରିଡାଙ୍କ ଝିଅ ତାଙ୍କ ମାମୁଁ ଘର ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମକୁ ଅଜାଙ୍କ ଶୁଦ୍ଧି କାର୍ଯ୍ୟରେ ଆସିଥିଲା। ଏକାଦଶାହଦିନ ରାତ୍ରୀରେ ଖିଆପିଆ ସରିବା ପରେ ଝିଅ ନିଖୋଜ ହେବାରୁ ତାକୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ଏକ ମାମଲା ୧୭୧/୧୯ରୁଜୁ କରି ତଦନ୍ତ ଜାରିରଖିଥିଲା। ତଦନ୍ତ ମୁତାବକ କଟକ ସିଟି ହସପିଟାଲ ନିକଟରୁ ଅପହରଣକାରୀ ଓ ଅପହୃତା ନାବାଳିକା ଧରିବାକୁ ସକ୍ଷମ ହୋଇଥିଲା। ନାବାଳିକାକୁ ତାର ପରିବାର ଜିମା ଦିଆଯାଇଥିବା ବେଳେ ଅପହର୍ତା ଜଗତସିଂହପୁର ଜିଲ୍ଲା ଏରସମା ତାନା ଅନ୍ତର୍ଗତ କୋଚିଳାବେଦୀ ଦୁର୍ଗାପୁର ଗ୍ରାମର ବେଣୁଧର ସ୍ୱାଇଁଙ୍କ ପୁଅ ରାଜେଶ ସ୍ୱାଇଁ(୨୩)ଙ୍କୁ ଗିରଫ କରାଯାଇ ଦଫା ୩୬୩,୩୬୬, ୩୭୬ (୨) ଆଇପିସି ୬ ପୋସ୍କୋ ଆକ୍ଟରେ କୋର୍ଟ ଚାଲାଣ କରିଥିବା ବେଳେ ତା ଜାମିନ ନାମଞ୍ଜୁର ହେବାରୁ ତାକୁ ରଗଡି ଜେଲକୁ ପଠାଇ ଦିଆଯାଇଛି।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ପୁରାଣ କାହାଣୀ

# ପ୍ରତି ବର୍ଷ ଭାଙ୍ଗେ ଶିବ ଲିଙ୍ଗ

ହିମାଚଳରେ ଅନେକ ମହାଦେବ ମନ୍ଦିର ରହିଛି । ସବୁ ମନ୍ଦିରର ମହିମା ଅପାର । ସେହିପରି କୁଲୁ ଜିଲ୍ଲାରେ ଏପରି ଏକ ଶିବ ମନ୍ଦିର ରହିଛି ଯେଉଁଠି ପ୍ରତି ବାରବର୍ଷରେ ଥରେ ଶିବଲିଙ୍ଗ ଉପରେ ବିଜୁଳି ପଡ଼ି ଶିବଲିଙ୍ଗ ଖଣ୍ଡ ହୋଇଯାଇଥାଏ । ସ୍ଥାନୀୟ ପୂଜାରୀ ଶିବଲିଙ୍ଗ ଉପରେ ଲହୁଣୀ ବୋଳି ଯୋଡ଼ିଦେଇଥାଏ । ପୂଜାରୀ ଲହୁଣି ବା ଘିଅ ବୋଳି ଦେବା ପରେ ଶିବଲିଙ୍ଗଟି ଆପେ ଆପେ ପୂର୍ବାବସ୍ଥାକୁ ଫେରିଆସିଥାଏ । ଏହି ଶିବାଳୟକୁ ସ୍ଥାନୀୟବାସିନ୍ଦା ବିଜୁଳି ମହାଦେବ ମନ୍ଦିର ନାମରେ ସମ୍ବୋଧନ କରିଥାନ୍ତି । ଆଉ କେହି ବଡ଼ ଦେଉଳ ବୋଲି କହିଥାନ୍ତି । କୁଲୁ ସହରରେ ଅବସ୍ଥିତ ବ୍ୟାସ ଏବଂ ପାର୍ବତୀ ନଦୀର ସଂଗମ ସ୍ଥଳରେ ବିଜୁଳି ମହାଦେବ ମନ୍ଦିର ଅବସ୍ଥିତ । ପୌରାଣିକ କଥାନୁଯାୟୀ ଏଠାରେ ଏକ ବିଶାଳ ଅଜଗର ରହୁଥିଲା । ଜଗତ କଲ୍ୟାଣ ପାଇଁ ଭଗବାନ୍ ଶିବ ଉକ୍ତ ଅଜଗରକୁ ବଧ କଲେ । କୁଲାନ୍ତ ନାମକ ଦୈତ୍ୟ ଥିଲେ । ସେ ଇଚ୍ଛାଧାରୀ ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ନିଜକୁ ବଦଳାଇଦେଇଥାନ୍ତି । ଥରେ କୁଲାନ୍ତ ଅଜଗର ରୂପ ଧାରଣ କରି କୁଲୁସ୍ଥିତ ମଥାଣ ଗ୍ରାମକୁ ଆସିଥିଲା । ସେ ବ୍ୟାସ ଓ ପାର୍ବତୀ ନଦୀର ସଂଗମରେ ବାସ କରିବାକୁ ଲାଗିଲା । ସେ ଏତେ ବଡ଼ ଥିଲା ଯେ ବ୍ୟାସ ଓ ପାର୍ବତୀ ନଦୀର ଜଳସ୍ତରକୁ ବୃଦ୍ଧି କରାଇଲା ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ ମଧ୍ୟ କଲା । ଇଚ୍ଛାଧାରୀ କୁଳାନ୍ତର ଏପରି କାଣ୍ଡ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ମହାଦେବଙ୍କ ଶରଣରେ ପଶିଲେ । । ଭକ୍ତଙ୍କ ସଙ୍କଟକୁ ଦୂର କରିବା ଲାଗି ଭଗବାନ୍ ଶିବ କୁଳାନ୍ତକୁ କହିଲେ ତୁମ ଲାଞ୍ଜରେ ନିଆଁ ଲାଗିଯାଇଛି । ସେ ଭୟଭୀତ ହୋଇ ଯେତେବେଳେ ନିଜ ଲାଞ୍ଜକୁ ଦେଖିଲା ସେହି ସମୟରେ ଭଗବାନ୍ ଶିବ ତ୍ରିଶୂଳରେ ଅଜଗରକୁ ପ୍ରହାର କଲେ । କୁଳାନ୍ତର ଶରୀର ବହୁତ ବଡ଼ ଥିଲା । ତାହା ଏକ ପାହାଡ଼ ହୋଇଗଲା । ସେହି କ୍ଷଣି ଭଗବାନ୍ ଶିବ ଅଜଗରକୁ ବଧ କରିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଲେ ଯେ ବିଜୁଳି ମାରିବାଲାଗି । ଇନ୍ଦ୍ର ବିଜୁଳି ମାରିବା ଦ୍ୱାରା କୁଳାନ୍ତ ବଧ ହେଲା । ଭଗବାନ୍ ଶିବ ଇନ୍ଦ୍ରକୁ କହିଲେ ୧୨ ବର୍ଷରେ ଥରେ ଏହି ସ୍ଥାନରେ ବିଜୁଳି ମାରିବ । କୁହାଯାଏ ଯେ ଏବେ ବି ଇନ୍ଦ୍ର ବିଜୁଳି ମାରି ଉକ୍ତ ପାହାଡ଼ରେ ଅବସ୍ଥିତ ବିଜୁଳି ଦେବ ମନ୍ଦିରର ଶିବଲିଙ୍ଗକୁ ଦୁଇ ଖଣ୍ଡ କରିଦେଇଥାଏ ଓ ସ୍ଥାନୀୟ ପୂଜାରୀ ଲହୁଣି ଓ ଘିଅ ବୋଳି ଶିବଲିଙ୍ଗକୁ ଯୋଡ଼ିଥାଏ । ଆପେ ଆପେ ଶିବଲିଙ୍ଗଟି ପୂର୍ବାବସ୍ଥାକୁ ଫେରିଆସିଥାନ୍ତି । ମହାଦେବ ଖୋଦ୍ ଚାହାଁନ୍ତି ନାହିଁ କି ଲୋକମାନେ ତଥା ଭକ୍ତମାନେ ବିଜୁଳି ଆଘାତରେ ଶିକାର ହୁଅନ୍ତି । ସେଥିପାଇଁ ସେ ବିଜୁଳି ଆଘାତକୁ ନିଜ ଉପରେ ନେଇ ସହିଥାନ୍ତି । ଯଦ୍ଦ୍ୱାରା ଶିବଲିଙ୍ଗ ଭାଙ୍ଗିଯାଇଥାଏ । ଏହି ମହାଦେବଙ୍କ ଏକ ରଥ ରହିଛି । ରଥରେ ସ୍ୱୟଂ ମହାଦେବ ବିରାଜମାନ ହୋଇ ଦଶହରା ସମୟରେ ସମଗ୍ର କୁଲୁରେ ଦର୍ଶନ ଦେଇଥାନ୍ତି ।





୧୯୭୧ରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ପାକିସ୍ଥାନ ଉପରେ ବିଜୟ ହାସଲ କରି ଭାରତ ସେନା ଡିସେମ୍ବର ମାସ ୧୬ ତାରିଖକୁ ବିଜୟ ଦିବସ ରୂପେ ପାଳନ କରିଆସୁଛି । ଯୁଦ୍ଧର ଶେଷ ପର୍ଯ୍ୟୟରେ ବାଙ୍ଗଲାଦେଶଠାରେ ପୂର୍ବ ପାକିସ୍ଥାନ ଓ ପାକିସ୍ଥାନ ସେନା ଏକତରଫା ଭାବେ ଓ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଥିଲେ। ବିଜୟ ଦିବସ ଅବସରେ ଦେଶ ମାତୃଭୂମି ପାଇଁ ନିଜର ପ୍ରାଣ ତ୍ୟଶଗ କରିଥିବା ଶହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଭାରତ ଆଜିର ଦିବସ ପାଳନ କରୁଛି । ଏହି ଉତ୍ସବ ସମାରୋହ ଦେଶର ରାଜଧାନୀ ନୂଆଦିଲ୍ଲୀରେ ରହିଥିବା ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ଭାରତୀୟ ସଶସ୍ତ୍ର ସୈନ୍ୟ ବିାହିନୀ, ବିଭିନ୍ନ ମନ୍ତ୍ରୀ ମହୋଦୟ ସହିତ ରାଷ୍ଟ୍ରୀୟ ସୈନ୍ୟସ୍ମାରକ ଶହିଦ୍‌ଙ୍କୁ ପ୍ରଦାନ କରାଯାଏ।

# ମୃତକଙ୍କ ସାଜସଜ୍ଜା



ଧାର୍ମିକ ରୀତି ନୀତି ଏବଂ ମାନ୍ୟତା ଅନୁସାରେ ମୃତ୍ୟୁ ପରେ ମୃତ ଶରୀରର ଅନ୍ତିମ ସଂସ୍କାର କରାଯାଏ। କିଏ ମୃତ ଦେହକୁ ପୋଡ଼ିଥାନ୍ତି ତ ଆଉ କିଏ ଶବକୁ ପୋତି ଦିଅନ୍ତି। ପୋଡ଼ି ଯାଇଥିବା ମୃତ ଦେହ ତ ଆଉ ଫେରେ ନାହିଁ କିନ୍ତୁ କବର ମଧ୍ୟରେ ଥିବା ମୃତ ଶରୀରକୁ ବାହାରକୁ ବାହାର କରିବା କଥା କେବେ ଶୁଣିଛନ୍ତି ? ସାଉଥ୍ ତୋରାଜାରେ ମୃତ ଶରୀରକୁ ସଜେଇ ମୃତ ଆତ୍ମାର ସ୍ୱାଗତ କରାଯାଇଥାଏ । ତୋରାଜା ନିବାସୀମାନେ ମୃତ ଶରୀରକୁ କବର ମଧ୍ୟରୁ ବାହାର କରି, ସେମାନଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ, ସଜବାଜ କରାନ୍ତି । ଉକ୍ତ ଅଞ୍ଚଳ ବାସିନ୍ଦାଙ୍କ ମାନ୍ୟତା ହେଉଛି ମୃତ ବ୍ୟକ୍ତିମାନେ ଏହି ପ୍ରକ୍ରିୟା ଜରିଆରେ ପୁନର୍ବାର ନିଜ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରାଇଥାନ୍ତି । ଏପରି ପ୍ରକ୍ରିୟା ପ୍ରତି ୩ବର୍ଷରେ ଥରେ କରାଯାଇଥାଏ। ଏହି କ୍ରିୟାକୁ ଠିକ୍ ସେପରି ହିଁ କରାଯାଇଥାଏ । ଯେପରି ଏକ ଜୀବନ୍ତ ବ୍ୟକ୍ତି ନିଜର ପ୍ରତିଦିନ ଜୀବନରେ ନିୟମକୁ ପୂରା କରୁଛି। ଏଠାରେ ମହିଳାମାନଙ୍କର ମୃତ ଶରୀରକୁ କଣ୍ଢେଇ ରୂପେ ସଜା ଯାଇଥାଏ ଏବଂ ପରେ ଏହି ମୃତ ଶରୀର ଗୁଡ଼ିକୁ ଠିକ୍ ପୂର୍ବ ଭଳି କବର ମଧ୍ୟରେ ରଖିଦିଆଯାଇଥାଏ।

# ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ବୟଫ୍ରେଣ୍ଡଙ୍କ ସହ ଏକାଠି ରହିବେ କରିସ୍ମା



ସଂଜୟ କପୁରଙ୍କ ସହ ବିବାହ ବିଚ୍ଛେଦ ହେବା ପରେ କରିସ୍ମା କପୁର ବର୍ତ୍ତମାନ ନିଜ ପିଲାମାନଙ୍କ ସହ ବାପା ରଣଧୀର କପୁରଙ୍କ ଘରେ ରହୁଛନ୍ତି। କିନ୍ତୁ ଶୁଣିବାକୁ ମିଳିଛି କି ଖୁବ୍ ଶୀଘ୍ର ସେ ବୟଫ୍ରେଣ୍ଡ ସନ୍ଦୀପ ତୋସାନୀବାଲଙ୍କ ସହ ଲିଭ ଇନ୍ ରିଲେସନସିପ୍‌ରେ ରହିବେ। ସେମାନଙ୍କ ସାଥିରେ କରସ୍ମାଙ୍କ ଦୁଇ ସନ୍ତାନ ମଧ୍ୟ ରହିବେ। ସନ୍ଦୀପ ମୁମ୍ବାଇର ଏକ ପ୍ରତିଷ୍ଠିତ କମ୍ପାନୀର ସିଇଓ ଅଟନ୍ତି। ସୟଙ୍କ ଠାରୁ ଦୂରେଇ ଯିବା ପରେ କରିସ୍ମା ସନ୍ଦୀପଙ୍କ ନିକଟବର୍ତ୍ତୀ ହେବାରେ ଲାଗିଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ତେବେ ସନ୍ଦୀପ ମଧ୍ୟ ପୂର୍ବରୁ ବିବାହ କରିଛନ୍ତି।

# ସିକ୍ୱେଲ ପ୍ରିୟ ଫରହାନ୍

ବଲିଉଡ଼ର ଜଣାଶୁଣା ଅଭିନେତା ଓ ଫିଲ୍ମ ମେକର ଫରହାନ୍ ଅଖ୍ତର ତାଙ୍କର ଫିଲ୍ମ 'ଜିନ୍ଦଗି ନା ମିଲେଗି ଦୋବାରା'ର ସିକ୍ୱେଲ୍ ବନାଇବାକୁ ଇଚ୍ଛା ରଖିଛନ୍ତି । ଏହି ଫିଲ୍ମ ୨୦୧୧ରେ ରିଲିଜ ହୋଇଥିଲା । ଫିଲ୍ମ ଜିନ୍ଦଗି ନା ମିଲେଗି ଦୋବାରା ଏକ ରୋଡ଼ ଟ୍ରିପ୍ ଡ୍ରାମା ଥିଲା । ଏବେ ଯଦି ଫିଲ୍ମର ସିକ୍ୱେଲ ବନାଯାଏ ତେବେ ଭଲ ହେବ ବୋଲି ଫରହାନ୍ କହିଛନ୍ତି । ଫିଲ୍ମଟି ତିନି ଜଣ ପିଲାଦିନର ସାଙ୍ଗଙ୍କ କାହାଣୀ, ଯେଉଁଥିରେ ସେମାନେ ବିବାହ ପୂର୍ବରୁ ସ୍ପେନ୍ ଟ୍ରିପ୍‌ରେ ଯାଇଛନ୍ତି ଓ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଫରହାନ ଅଖତରଙ୍କ ଭଉଣୀ ଜୋୟା ଅଖତର କରିଛନ୍ତି। ଫିଲ୍ମରେ ଫରହାନ୍‌ଙ୍କ ସହିତ ହ୍ରିତିକ୍ ରୋଶନ୍ ବି ଥିଲେ । ଏବେ କିନ୍ତୁ ଫରହାନ୍ ତାଙ୍କର 'ରକ୍ ଅନ୍' ଫିଲ୍ମର ସିକ୍ୱେଲ କାମରେ ବ୍ୟସ୍ତ ଅଛନ୍ତି ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ଯାହାକୁ ନେଇ ସେଠାକାର କରିଛି । କଥା କ'ଣ ସେହି ଗଛ ପାଲଟିଛି । ସେଠାକାର ଅନେକ ପରେ ତାଙ୍କ ମୃତ ଦେହକୁ ମାଟିରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ସେମାନଙ୍କର ପିଲାମାନଙ୍କୁ ପ୍ରକୃତି । ଏହି ଖାସ୍ ପ୍ରକାରର ଗଛ ନାମକ ସ୍ଥାନରେ ଅବସ୍ଥିତ । ସେ ଗଛରେ ତାଙ୍କର ସମାଧି ବନାଇବା ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଲୋକଙ୍କର ଏକ ଅନ୍ଧବିଶ୍ୱାସ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପୋତିବା ବଦଳରେ ଗଛ ମଧ୍ୟରେ ରହିଛି ସେପରି କଲେ ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ ସେଠାକାର ତାନା ତୋରାଜା ଗାଁର ପିଲାମାନେ ମରିଯିବା ପରେ ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଆଜିର ଭାଗ୍ୟ


**ମେଷ**
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ**
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ**
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ**
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା**
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା**
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା**
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ**
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର**
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ**
ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ**
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପିଏଲଏଫଆଇ ଏରିଆ କମାଣ୍ଡର ଗିରଫ

ରାଉରକେଲା,(ପିଏନ)- ଓଡିଶା-ଝାଡଖଣ୍ଡ ସିମାନ୍ତବର୍ତୀ ଇଲାକାରେ ପିଏଲଏଫଆଇ ଏରିଆ କମାଣ୍ଡର ଭାବେ କାମ କରୁଥିବା ଜଣେ ପିଏଲଏଫଆଇ ଏରିଆ କମାଣ୍ଡରକୁ ଆଜି ରାଉରକେଲା ପୁଲିସ ଗିରଫ କରିଛି । ତାର ନାମ ସୁଦାମ ସିଂ (୩୪) । ସେ ଝାଡଖଣ୍ଡର ବାନୋ ଓ ସିମଡେଗା ନିବାସୀ । ପଶ୍ଚିମାଂଚଳ ଡିଆଇଜି କବିତା ଜଲାନ ଏନେଇ ଅଧିକ ସୂଚନା ଦେଇଛନ୍ତି କହିଛନ୍ତି ଯେ, ସେ ରାଉରକେଲା ପୁଲିସ ଜିଲ୍ଲାର ବିଶ୍ରା, ହାତୀବାଡି, ଝାଡଖଣ୍ଡର ବାନୋ ଅଂଚଳରେ ନିଜର କାମ ଚଳାଇଥିବା ବେଳେ ୧୫ରୁ ଅଧିକ ମାମଲାରେ ଜଡ଼ିତ ଥିଲା । ରାଉରକେଲା ଏସପି କେ. ଶିବା ସୁଭ୍ରମଣି ଏନେଇ ଏକ ଟିମ୍ ଗଠନ କରି ତାକୁ ବିଶ୍ରା ଅଂଚଳରୁ ଗିରଫ କରିଛନ୍ତି । ଏରିଆ କମାଣ୍ଡର ସୁଦାମ ନିକଟରୁ ଏକ ପିସ୍ତଲ ଓ ଗୋଟିଏ ଜୀବନ୍ତ ଗୁଳି ଜବତ କରାଯାଇଛି ବୋଲି ଡିଆଇଜି ଜଲାନ କହିଛନ୍ତି । ତା' ବିରୋଧରେ ଥିବା ୧୫ ମାମଲା ମଧ୍ୟରୁ ୭ଟି କେବଳ ହତ୍ୟା ମାମଲା ଝାଡଖଣ୍ଡ ଅଂଚଳରେ ରହିଥିବା ସେ କହିଛନ୍ତି । ସେଥିରେ ବିଜେପି ଦଳର ନେତାଙ୍କୁ ହତ୍ୟା ମାମଲା ମଧ୍ୟ ରହିଛି । ଏହା ଛଡା ରାଉରକେଲା ନିକଟ ହାତୀବାଡି ଠାରେ ଥିବା କୋଅପରେଟିଭ ବ୍ୟାଙ୍କ ଲୁଟ୍ ମାମଲାରେ ମଧ୍ୟ ସେ ସମ୍ପୃକ୍ତ ରହିଛି । ଏହା ବ୍ୟତୀତ ବିଶ୍ରା ଅଂଚଳରେ ଜଣେ ଲୋକକୁ ହତ୍ୟା ଉଦ୍ୟମ କରିବା ଭଳି ସଙ୍ଗୀନ ମାମଲା ସବୁ ସୁଦାମ ନାମରେ ରହିଛି । ଏହି ଘଟଣାରେ ରାଉରକେଲା ପୁଲିସ ତାକୁ ଗିରଫ କରି କୋର୍ଟକୁ ଚାଲାଣ କରିଥିଲା । ଜେଲରୁ ଫେରିବା ପରେ ପୁଣି ବନ୍ଧୁକ ମୁନରେ ଲୋକଙ୍କୁ ଡରେଇ ଧମକ ଦେଇ ଟଙ୍କା ଆଦାୟ ଚଳାଇଥିଲା । ବିଶେଷ କରି ବ୍ୟବସାୟୀ, ରାଜନେତା ମାନେ ତା'ର ଟାର୍ଗେଟରେ ରହୁଥିଲେ । ୨୦୦୭ ରୁ ସେ ଆଜିଯାଏ ଏହି ଅଂଚଳରେ ଏରିଆ କମାଣ୍ଡର ଭାବେ କାର୍ଯ୍ୟ କରିବା ସହ ଲୁଟ୍, ଦାଦା ବଟୀ ଆଦାୟ କରି ଚାଲିଥିଲା । ଅନ୍ୟତମ ପିଏଲଏଫଆଇ ଏରିଆ କମାଣ୍ଡର ଦୀନେଶ ଗୋପ ଅଧିନରେ ସେ କାମ କରୁଥିବା ବେଳେ ତା'ର ସହଯୋଗୀ ଭାବେ କୁଖ୍ୟାତ ପିଏଲଏଫଆଇ ଚନ୍ଦ୍ରଭାନୁ ସିଂ ଓ ଭିଶ୍ମ ସହାୟ ମଧ ତା ସହ କାମ କରୁଥିଲେ ବୋଲି ପୁଲିସ ସୂଚନା ଦେଇଛି ।

## ନୂଆଦିଲ୍ଲୀରେ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ଼ ବୈଠକ

# ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ରାଜ୍ୟରେ ଅଧିକ ପ୍ରକଳ୍ପ ଦାବିକଲେ ମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ଭିନ୍ନକ୍ଷମ ଶିଶୁମାନଙ୍କ ସବୁମତେ ଅଭିବୃଦ୍ଧି ଉଦ୍ଦେଶ୍ୟରେ ଓଡ଼ିଶାରେ ଦୁଇଟି ପ୍ରାକ୍-ଶୈଶବ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ସହିତ ଭୁବନେଶ୍ୱର ଠାରେ ଭିନ୍ନକ୍ଷମମାନଙ୍କ ପାଇଁ ଏକ କ୍ରୀଡ଼ା କେନ୍ଦ୍ର ସ୍ଥାପନ କରିବା ସକାଶେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି । ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ଼ର ତୃତୀୟ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଥାବର ଚାନ୍ଦ ଗେହଲୋଟ ଅଧକ୍ଷତା କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଥିଲେ ଯେ ଓଡ଼ିଶା ପକ୍ଷରୁ ୨୦୧୮-୧୯ରେ ରାଜ୍ୟର ଆଉ ୩ଟି ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି ଓ ଏହା ଉପରେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନିଅନ୍ତୁ । ଓଡ଼ିଶାରେ ସାର୍ବଜନୀନ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥା ଅଧିକ ଅଗ୍ରଗତି କରିଛି ବୋଲି ମନ୍ତ୍ରୀ କହିଥିଲେ । ସେହିପରି ଆସେସବୁଲ୍ ଇଣ୍ଡିଆ ଯୋଜନାରେ ରାଜ୍ୟର ସରକାରୀ କୋଠାବାଡ଼ିକୁ ଭିନ୍ନକ୍ଷମମାନଙ୍କ ଯାତାୟତ ଏବଂ ପ୍ରବେଶ ସୁଗମ କରିବା ଉଦ୍ଦେଶ୍ୟରେ ର୍ୟାମ୍ପ ନିର୍ମାଣ ଅଗ୍ରଗତି କରିଛି । ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବା ୨୦୩ଟି ସରକାରୀ କୋଠା ମଧ୍ୟରୁ ୧୧୭ଟିରେ ର୍ୟାମ୍ପ ନିର୍ମାଣ ସମ୍ପନ୍ନ ହୋଇଛି ଏବଂ ସେଥିପାଇଁ ରାଜ୍ୟ ବଜେଟ୍‌ରୁ ବ୍ୟୟ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସୋସିଆଲ ଅଡିଟ୍ ପାଇଁ ସୋସାଇଟି ଫର ସୋସିଆଲ ଅଡିଟ୍, ଏକାଉଂଟେବିଲିଟି ଆଣ୍ଡ ଟ୍ରାନ୍ସପାରେନ୍ସି(ଓସାଟ୍)କୁ ନିଯୋଜିତ କରାଯାଇଛି । ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମ ଅଧିକାର ନିୟମାବଳୀ-୨୦୧୮ ପ୍ରଣୟନ କରାଯାଇଛି ଓ ୨୦୧୮ରେ ରାଜ୍ୟ ଉପଦେଷ୍ଟା ବୋର୍ଡ଼ ଗଠନ କରାଯାଇଛି ବୋଲି ତଥ୍ୟ ରଖିବା ସହିତ ଓଡ଼ିଶାରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ପେନସନ ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖଯୋଗ୍ୟ ପ୍ରଗତି ହୋଇଛି ବୋଲି ପ୍ରକାଶ କରିଥିଲେ । ବୈଠକରେ ପରାମର୍ଶଦାତା ବୋର୍ଡ଼ର ସଦସ୍ୟମାନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ପ୍ରଦାଧିକାରୀମାନେ ଉପସ୍ଥିତ ଥିଲେ ।

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ୩୮୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ : ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର, (ପିଏନ)- ରାଜ୍ୟ ସରକାର ବିଭିନ୍ନ ସମୟରେ ବହୁ ଆନ୍ତର୍ଜାତିକ କ୍ରୀଡ଼ାକୁମ୍ଭର ଆୟୋଜନ କରି ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ କରିବାର ଗୌରବ ମଣ୍ଡନ କରାଇଛନ୍ତି । ହେଲେ ଦୀପ ତଳ ଅନ୍ଧାର ଭଳି ରାଜଧାନୀର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଭବିଷ୍ୟତ ବର୍ତମାନ ଅନ୍ଧାରରେ । ସେଠାରେ ଶିକ୍ଷା ଗ୍ରହଣ କରୁଥିବା ୩୮୦ ଛାତ୍ରଛାତ୍ରୀମାନେ ବର୍ତମାନ ରାଜରାସ୍ତାରେ । ବିଭାଗୀୟ ସଚିବ ଶ୍ରୀ ବିଶାଳ ଦେବଙ୍କ ମନୋମୁଖୀ ଓ ଦାୟିତ୍ୱହୀନ ନିଷ୍ପତି ଯୋଗୁ ଆଜି ଏହି ଅନୁଷ୍ଠାନରେ ସଙ୍ଗୀନ ପରିସ୍ଥିତ ସୃଷ୍ଟି ହୋଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଶାରୀରିକ ଶିକ୍ଷା ପ୍ରଦାନ ପାଇଁ ନିଯୁକ୍ତ ଶିକ୍ଷକମାନେ ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିଥାନ୍ତି । ଯଦି ଏହି ଶିକ୍ଷାନୁଷ୍ଠାନ ରହିବ ତେବେ ଶାରୀରିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଭବିଷ୍ୟତରେ ବହୁ ଅସୁବିଧା ସୃଷ୍ଟି ହେବ । ଏହି ଅନୁଷ୍ଠାନରୁ ଏନସିଟିଇ ତାର ସ୍ୱୀକୃତି ପ୍ରତ୍ୟାହାର କରିନେଇଛି । କୌଣସି ଆନୁସଙ୍ଗିକ ଭିତିଭୂମି ନଥିବାରୁ ସ୍ୱୀକୃତି ପ୍ରଦାନ ପ୍ରତ୍ୟାହାର କରି ନିଆଯାଇଛି । ପାହାଲ ନିକଟସ୍ଥ ଜୋହଲରେ ଥିବା ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଏହି ଅନୁଷ୍ଠାନକୁ ଉଠାଇ ନିଅଯାଇଛି । ଅନୁଷ୍ଠାନରେ ପାଖାପାଖି ୮୦% ସରଞ୍ଜାମ ଆପେକ୍ସ କଲେଜକୁ ସ୍ଥାନାନ୍ତରିତ ହୋଇସାରିଛି । ବାର୍ଷିକ ୭୦ ଲକ୍ଷ ଟଙ୍କା ଭାଡ଼ା ସୂତ୍ରରେ ଏହି ଅନୁଷ୍ଠାନ ସେଠାରେ ଚାଲିବା ପାଇଁ ନିଷ୍ପତି ହୋଇଥିବା ଜଣାପଡ଼ିଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଏ ପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଚୁକ୍ତିନାମା ନହୋଇ ଏତେବଡ଼ ନିଷ୍ପତି କିପରି ହେଲା । କିଏ ଏବଂ କେଉଁ ନ୍ୟସ୍ତସ୍ୱାର୍ଥରେ ସରକାରଙ୍କର ଏହି ଗୁରୁଦ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଏଠାରୁ ଉଠାଇଲା ଏବଂ ସରକାରଙ୍କ ତହବିଲ୍‌ରୁ ଏତେ ପରିମାଣର ଅର୍ଥ କାହିଁକି ଅଯଥାରେ ଖର୍ଚ୍ଚ କରିବାର ନିଷ୍ପତି ନିଆଗଲା । ଆଜକୁ ୩ ମାସ ହେଲା ଏଠାରେ ଅଧ୍ୟୟନରତ ୩୮୦ ଛାତ୍ରଛାତ୍ରୀ ମଧ ବର୍ତମାନ ସୁଦ୍ଧା କୌଣସି କ୍ଲାସ କରିପାରୁ ନାହାଁନ୍ତି । ଯଦି ସରକାର ହକି ପାଇଁ ୩ ମାସ ମଧ୍ୟରେ ସବୁ ଭିତିଭୂମି ତିଆରି କରି ପାରୁଛନ୍ତି ତେବେ ପିଲାମାନଙ୍କୁ ମୂଳ ଶାରୀରିକ ଶିକ୍ଷା ପ୍ରଦାନ କରୁଥିବା କ୍ଷେତ୍ରରେ ସହାୟକ ହେଉଥିବା ଏହି ଅନୁଷ୍ଠାନକୁ କାହିଁକି ଅଣଦେଖା କରୁଛନ୍ତି । ଏଠାରେ କ୍ରୀଡ଼ା ବିଭାଗର ସଚିବ ଶ୍ରୀ ବିଶାଲ ଦେବଙ୍କ ଭୂମିକାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମସ୍ତ କଥାକୁ ଚିନ୍ତାକଲେ ଏହି ନିଷ୍ପତିରେ ଏକ ବିରାଟ କିକ୍‌ବ୍ୟାକ୍ ଓ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଏହି ଅନୁଷ୍ଠାନରେ ଶିକ୍ଷାରତ ୩୮୦ ଜଣ ଛାତ୍ରଛାତ୍ରୀ ବର୍ତମାନ ଏକ ସନ୍ଦିହାନୀ ଅବସ୍ଥାରେ ଅଛନ୍ତି । କାରଣ ଯେଉଁ ଆପେକ୍ସ କଲେଜରେ ଏହି ଶିକ୍ଷାନୁଷ୍ଠାନ ଚାଲିବ ବୋଲି ନିଷ୍ପତି ହୋଇଛି, ସେଠାରେ ଆବଶ୍ୟକୀୟ ଗୃହ, ଖେଳ ପଡ଼ିଆ ଓ ଆନୁସଙ୍ଗିକ ଭିତିଭୂମି ନାହିଁ । ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏହି ପରିପ୍ରେକ୍ଷୀରେ ନିଜ ନିଜର ପିଲାମାନଙ୍କର ଭବିଷ୍ୟତକୁ ନେଇ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି । ଆଜି ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅଭିଭାବକ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆଇନ୍‌କୁ ହାତକୁ ନେବା ସହିତ ଏକ ବିରାଟ ଜନ ଆନ୍ଦୋଳନ ହେବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ପ୍ରକାଶ କରିଛନ୍ତି ।

# ଲିଙ୍ଗ ଚୟନ ନିଷେଧ ଅଧିନିୟମ ସମ୍ପର୍କୀତ ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- ଗର୍ଭଧାରଣ ପୂର୍ବ ଓ ପ୍ରସୂତି ପୂର୍ବ ନିଦାନ କୌଶଳ(ଲିଙ୍ଗ ଚୟନ ନିଷେଧ) ଅଧିନିୟମ,୧୯୯୪ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ଉପଦେଷ୍ଟା ପରିଷଦ ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସମୀର କୁମାର ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗତ ବର୍ଷ ଅକ୍ଟୋବର ମାସ ୬ ତାରିଖରେ ଅନୁଷ୍ଠିତ ବୈଠକର ବିବରଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକର ଆଲୋଚନାରୁ ପ୍ରାପ୍ତ ତଥ୍ୟ ଆଧାରରେ ବାଲିଗୁଡ଼ା ଓ ଫୁଲବାଣୀରେ ରେଡିଓଲୋଜିଷ୍ଟ ପଦବୀ ପୂରଣ ପାଇଁ ବିଜ୍ଞାପନ ଦିଆଯାଇଥିଲା । ମାତ୍ର ନିର୍ଦ୍ଦିଷ୍ଟ ତାରିଖରେ କେହି ଜଣେବି ମୌଖିକ ପରୀକ୍ଷା ଦେବା ପାଇଁ ଆସିଲେ ନାହିଁ । ପୂର୍ବ ପ୍ରସ୍ତାବ ଅନୁଯାୟୀ ବାଲିଗୁଡ଼ା ଉପଖଣ୍ଡ ସଦର ମହକୁମାରେ ଅଲଟ୍ରାସାଉଣ୍ଡ କ୍ଲିନିକ୍ ପଞ୍ଜିକୃତ ପାଇଁ ମେସିନ୍‌ର ମେକ୍ ଓ ମଡେଲ୍ ବ୍ୟତୀତ ଅନ୍ୟ ଦରକାରୀ କାଗଜ ପତ୍ର ସଂଗ୍ରହ କରାଯାଇଛି । ସେଗୁଡ଼ିକୁ କନ୍ଧମାଳ ଜିଲ୍ଲାପାଳ ତଥା ଗର୍ଭଧାରଣ ପୂର୍ବ ଓ ପ୍ରସୂତି ପୂର୍ବ ନିଦାନ କୌଶଳର ପ୍ରାଧିକୃତ ଅଧିକାରୀଙ୍କର ଅନୁମୋଦନ ପାଇଁ ପଠାଯାଇଛି । ଉପଦେଷ୍ଟା ପରିଷଦର ଅନ୍ୟତମ ସଦସ୍ୟ ଆଡ୍‌ଭୋକେଟ୍ ବିଜୟକୃଷ୍ଣ ପଟ୍ଟନାୟକ ଏହି ବୈଠକକୁ ନିୟମିତ ଭାବେ ଆହ୍ୱାନ କରିବା ସହିତ ତାଲିମ ପ୍ରାପ୍ତ ରେଡିଓଲୋଜିଷ୍ଟ ପଦବୀ ପୂରଣ ଲାଗି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପି. କେ .ତ୍ରିପାଠୀ, ବରିଷ୍ଠ ଶଲ୍ୟ ଚିକିତ୍ସା ପରାମର୍ଶଦାତା ଡା. ସି. ନାରାୟଣ ସୁବୁଦ୍ଧି, ବରିଷ୍ଠ ପରାମର୍ଶଦାତା(ସ୍ତ୍ରୀ ଓ ପ୍ରସୂତୀ) ଡା. ଅଭୟ କୁମାର ପଟ୍ଟନାୟକ, ବରଷ୍ଠ ମେଡିସିନ୍ ପରାମର୍ଶଦାତା ଡା. ବିଦ୍ୟାଧର ପାତ୍ର, ବରିଷ୍ଠ ଶିଶୁରୋଗ ପରାମର୍ଶଦାତା ଡା. ଦୋଳମଣି ପ୍ରଧାନ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବୁଲୁନାଥ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା'ର କର୍ମକର୍ତାଙ୍କ ସମେତ ଉପଦେଷ୍ଟା ପରିଷଦର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସ୍ୱଳ୍ପ ସମୟ, ସୀମିତ ଖର୍ଚ୍ଚ ଆଉ ଉନ୍ନତ ଉତ୍ପାଦନର ମୁଖବନ୍ଧ ହିଁ ଜୈବିକ କୃଷି





ରରୁଆଁ(ପିଏନ) – କୃଷିକୁ ନେଇ ଏବେ ସମସ୍ତେ ସବୁଆଡ଼େ ତତ୍ପର । ସରକାରଙ୍କ ଫୋକସ୍‌ରେ ଏବେ କୃଷି ଓ କୃଷକ । କୃଷି ଭାରତୀୟ ସଭ୍ୟତାର ମାପକାଠି । ଭାରତର ୭୦ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ । କିନ୍ତୁ ଆଜିର ଦିନରେ କୃଷି କ୍ଷେତ୍ରରେ କୀଟନାଶକର ପ୍ରୟୋଗ ଅମଳ ହ୍ରାସ କରିବା ସହିତ ଶରୀର ପ୍ରତି ହାନିକାରକ ଭାବେ ଉଭା ହୋଇଛି । କୀଟନାଶକର ବହୁଳ ବ୍ୟବହାର ଫଳରେ ମୃର୍ତ୍ତିକାର ଉର୍ବରତା ହ୍ରାସ ପାଇବା ସହ ଉତ୍ପାଦନରେ ମଧ ବାଧାପ୍ରାପ୍ତ ହୁଏ । ଜମିରେ ବାରମ୍ବାର କୀଟନାଶକ ପ୍ରୟୋଗ ଫଳରେ ମାଟିର ମାନ କମିକମି ଯାଏ । ତେଣୁ ଏହାର ବିକଳ୍ପ ବ୍ୟବସ୍ଥା ଭାବେ ବର୍ତ୍ତମାନ ଜୈବିକ କୃଷି ଉଭା ହୋଇଛି । ସ୍ୱଳ୍ପ ସମୟ , ସୀମିତ ଖର୍ଚ୍ଚ ମଧ୍ୟରେ ଆମେ କୀଟନାଶକରୁ ମୁକ୍ତି ପାଇପାରିବା । କେନ୍ଦ୍ର ସରକାରଙ୍କର ପରମ୍ପରାଗତ କୃଷି ବିକାଶ ଯୋଜନା ମଧ ଜୈବିକ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ସ୍ଥିତ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର – ଡ଼ି ଶୁଭମ୍ ଓ ଜଗଦାନନ୍ଦ ପ୍ରଧାନ ପ୍ରମୁଖ ମୟୂରଭଂଜ ଜିଲ୍ଲାର ରରୁଆଁ ଠାରେ ୧୦୦ଜଣ ଚାଷୀଙ୍କୁ ଜୈବିକ କୃଷି ଉପରେ ତାଲିମ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅଟଳ ଯୋଜନା ଏକ ଲକ୍ଷ ଚାଷୀଙ୍କୁ ସେମାନଙ୍କ ଅଭିଜ୍ଞତାକୁ ମାନ୍ୟତା ଦେବା ଦିଗରେ କାର୍ଯ୍ୟ କରୁଛି । ଏହି ତାଲିମ ଶିବିରରେ ଛାତ୍ରମାନେ ଚାଷୀମାନଙ୍କୁ ନୀମାସ୍ତ୍ରର ପ୍ରୟୋଗ ସମ୍ପର୍କରେ ବର୍ଣ୍ଣନା କରି କହିଥିଲେ ଏହା ଡ଼ାଲିଜାତୀୟ ଓ ଲତାଜାତୀୟ ଫସଲର ରୋଗପୋକ ପରିଚାଳନା କରିବା ସହ ଶୋଷକ କୀଟମାନଙ୍କୁ ଦମନ କରିବ । ଏହାଛଡ଼ା ବୀଜାମୃତ ,ଅମୃତପାଣିର ପ୍ରୟୋଗ ଫଳରେ ମୃର୍ତ୍ତିକାର ଉର୍ବରତା ବୃଦ୍ଧି ପାଇବା ସହ ଏହାର ମାନ ମଧ ବଢ଼ିଥାଏ । କମ୍ ସମୟ ଆଉ ସ୍ୱଳ୍ପ ସମୟ ଭିତରେ ଏହା ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୃଷି ପ୍ରଶିକ୍ଷକ ମାନେ ବିସ୍ତୃତି ଭାବେ ଆଲୋଚନା କରିଥିଲେ । ସନ୍ତୋଷୀ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ପ୍ରାନ୍ତ ପ୍ରଗତି ମହାନ୍ତି ଏହି ପ୍ରଶିକ୍ଷଣ ଶିବିରର ତାତ୍ପର୍ଯ୍ୟ ବିଷୟରେ ବୁଝାଇବା ସହ ଏହା ଦ୍ୱାରା ଭବିଷ୍ୟତରେ କିପରି ଚାଷୀମାନେ ଉପକୃତ ହୋଇପାରିବେ , ସେ ବିଷୟରେ କହିଥିଲେ । ଟ୍ରଷ୍ଟର ପ୍ରଶିକ୍ଷିକା ମାଧୁରୀ ଦେବୀ ପ୍ରକଳ୍ପର ଆଭିମୁଖ୍ୟ ବିଷୟରେ ସ୍ପଷ୍ଟ ସୂଚନା ପ୍ରଦାନ କରିବା ସହ ୧୦ ଦିନ ପରେ ସେବାନଙ୍କୁ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି ଉପସ୍ଥାପନ କରିଥିଲେ ।

## ଗ୍ୟାସରେ ଟାଙ୍କି ପିଛା ୭୦୦ ଗ୍ରାମ୍, ପେଟ୍ରୋଲ ଡ଼ିଜେଲରେ ଲିଟର ପିଛା ୨୦ ମିଲି ଲିଟର ଠକେଇ

# ଶୋଇଛି ମାପଓଜନ ବିଭାଗ

ରାଉରକେଲା,(ପିଏନ)- ରାଉରକେଲା ସହରରେ ରନ୍ଧନ ଗ୍ୟାସରେ ଟାଙ୍କି ପିଛା ୭୦୦ ଗ୍ରାମ ଠକେଇ ଚାଲିଥିବା ବେଳେ ପେଟ୍ରୋଲ ଡିଜେଲରେ ଲିଟର ପିଛା ୨୦ ମି.ଲି. ମାପ ଓଜନରେ ଠକେଇ ଚାଲିଥିବାର ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ଏଠାରେ ଥିବା ମାପ ଓଜନ ବିଭାଗର ବାବୁ କହୁଛନ୍ତି ସବୁ ଠିକ୍ ଚାଲିଛି । ବର୍ଷସାରା ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ୍ ର ମୂଲ୍ୟ ବୃଦ୍ଧି ଓ ହ୍ରାସ ଲାଗି ରହିଛି । ତା ଭିତରେ ମାପ ଓଜନରେ ସଠିକ୍ ପରିମାଣ ଦିଆଯାଉଛି କି ନାହିଁ ସେଥିଲାଗି ରାଜ୍ୟ ସରକାରଙ୍କର ମାପଓଜନ ବିଭାଗ ରହିଛି । ଲକ୍ଷ ଲକ୍ଷ ଟଙ୍କା ଦରମା ନେଇ ଏମାନେ ଲୋକଙ୍କୁ ସେବା ଦେବା ସହ ରାଜସ୍ୱ ଆଦାୟ ଲାଗି ନିଯୁକ୍ତି ପାଇଛନ୍ତି । ହେଲେ ଏମାନଙ୍କର ନୀରବତା ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ ଗ୍ୟାସ୍, ପେଟ୍ରୋଲ ରେ ଠକେଇ ବଢି ଚାଲିଛି । ଗ୍ୟାସ୍ ଟାଙ୍କିରେ ଲେଖା ଅଛି ଏହାର ଗ୍ରସ୍ ଓଜନ ୨୯.୭ କେଜି । ସେଥିରେ ୧୫.୫ କେଜି ଓ ୧୪.୨କେଜି ହେଉଛି ଟାଙ୍କି ଓ ଗ୍ୟାସ୍ ର ଓଜନ । ଏହା ଭିତରୁ କିଏ କେତେ ଓଜନ ତାକୁ ନେଇ ଲୋକେ ଭ୍ରମରେ ପଡୁଛନ୍ତି । ଘରପାଖକୁ ଆସୁଥିବା ବିତରକ ମାନେ ଟାଙ୍କିକୁ ଓଜନ କଲେ ଠିକ ୭୦୦ଗ୍ରାମ ଓଜନ ସିଲିଣ୍ଡରରେ ଗ୍ୟାସ କମ୍ ରହୁଥିବା ଅଭିଯୋଗ ହେଉଛି । ତେଲ ଟାଙ୍କି ଗୁଡିକୁ ଯଦି ଦେଖାଯାଏ ସହରର ସେକ୍ଟର, ଛେଣ୍ଡ ଓ ଉଦିତନଗର ଠାରୁ ପାନପୋଷ ଛକ ଭିତରେ ଥିବା ତେଲ ଟାଙ୍କି ଗୁଡିକରେ ଓଜନରେ ଠକେଇ ଚାଲିଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଏଥିଲାଗି କୁଆଡେ ଏରିଆ ମାପ ଓଜନ ବିଭାଗ ଅଧିକାରୀଙ୍କୁ ସେମାନେ ମାସିକିଆ ବଟୀ ଦେଉଥିବା ସାଧାରଣରେ ଆଲୋଚନା ହେଉଛି । ଧରପଗଡ ହେବା ଆଗରୁ ସେମାନଙ୍କୁ ଖବର ଦିଆଯାଉଥିବାରୁ ସେହି ସମୟରେ ସେମାନେ ପମ୍ପର ମିଟର ରିଡିଂକୁ ଠିକ୍ କରିଦେଉଥିବାରୁ ସବୁକିଛି ଠିକ୍ ଚାଲିଥିବା କୁହାଯାଉଛି । ନିୟମ ଅନୁଯାୟୀ, ତେଲପମ୍ପର ମେସିନ ରିଡିଂ ଠିକ କଲାପରେ ତାକୁ ମାପ ଓଜନ ବିଭାଗ ସିଲ୍ କରିବା କଥା । ମାତ୍ର ଏଗୁଡିକ ମଧ୍ୟରୁ କେତେକ ସେମିତି ଛାଡିଦିଆ ଯାଉଥିବାବେଳେ କେତେକ ପମ୍ପକୁ ସିଲ୍ କରାଯାଉଥିବା ଅଭିଯୋଗ ହେଉଛି । ସେହିଭଳି ସହରରେ ଥିବା ଗ୍ୟାସ୍ ବିତରକ ମାନଙ୍କ ଗୋଦାମ ହେଉ କିମ୍ବା ରାସ୍ତାରେ ଗ୍ୟାସର ଓଜନ ଆଦୌ ଦେଖାଯାଉନାହିଁ । ଫଳରେ ରାଉରକେଲା ସହରରେ ମନଇଚ୍ଛା ଠକେଇ ବଢିଚାଲିଛି ।ଏଭଳି ଠକେଇକୁ ସରକାରଙ୍କ ନୀତି ବି ସୁହାଉଥିବା ଦେଖା ଯାଉଛି । କାରଣ ଏସବୁ ତଦାରଖ କରିବା ଲାଗି ଜଣେ ନିୟମିତ ସହକାରୀ ନିୟନ୍ତ୍ରକ ରାଉରକେଲାରେ ରହିବା କଥା । ମାତ୍ର ଦେବଗଡ ବାବୁ ରାଉରକେଲା ସମେତ ଝାରସୁଗୁଡା ଦାୟିତ୍ୱରେ ରହିଛନ୍ତି । ତେଣୁ ଗୋଟିଏ ଅଂଚଳ ଯାଗାରେ ଯଦି ଜଣେ ୩ଟି ଜିଲ୍ଲା ର ଦାୟିତ୍ୱ ସମ୍ଭାଳିବେ ତେବେ କାମ କଣହେବ ଲୋକେ କି ସେବା ପାଇବେ ତାହା ସହଜରେ ଅନୁମେୟ ।

# ଜମିବାରେ ଲାଗିଛି ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

ପାରାଦୀପ, (ପିଏନ୍)- ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଜମିବାରେ ଲାଗିଛି । ଦିନକୁଦିନ ଲକ୍ଷାଧିକ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳୁଛି । ବିଭିନ୍ନ ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମର ମଜା ନେବାକୁ ନାହିଁ ନଥିବା ଭିଡ । ଫାଷ୍ଟଫୁଡ ଷ୍ଟଲ ଗୁଡିକରେ ବି ଗହଳି । ପୂଜା ବଜାରରେ ଗୋଡ ବୁଲାଇବାକୁ ଜାଗା ନାହିଁ । ପତ୍ୟେକ ସଂଧ୍ୟାରେ ଖାଇବା ପିଇବା, କିଣାକିଣି କରିବା ସାଙ୍ଗକୁ ଠାକୁର ବୁଲିବା, ମେଲୋଡି ଦେଖିବା ଓ ଘରକରଣା ଜିନିଷ କିଣିବାରେ ସମସ୍ତେ ବ୍ୟସ୍ତ । ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ୩ୟ ଦିନ ଶେଷ ହୋଇଛି । ପୂଜାର ମଜା ନେବାକୁ ଦିନକୁ ଦିନ ଜନ ସମାଗମ ବଢିବାରେ ଲାଗିଛି । ଦୂରଦୂରାନ୍ତରୁ ଆସିଥିବା ଦର୍ଶକ ବିଶ୍ୱକର୍ମା ପୂଜାକୁ ବେଶ ଉପଭୋଗ କରୁଛନ୍ତି । ଜାଗାକୁ ଜାଗା ମେଲୋଡି କାର୍ଯ୍ୟକ୍ରମ । ତାହା ପୁଣି ନାମୀଦାମୀ କଣ୍ଠଶିଳ୍ପୀ ଏବଂ ନୃତ୍ୟଶିଳ୍ପୀଙ୍କୁ ନେଇ । ଆୟୋଜକଙ୍କ ମଧ୍ୟରେ ପ୍ରତିଯୋଗୀତା ଦର୍ଶକଙ୍କ ମନମୋହି ପାରୁଛି । ଓଡିଆ ସିନେ ଜଗତର ଜଣାଶୁଣା କଳାକାର ମାନଙ୍କ ନୃତ୍ୟ ସଂଗୀତରେ ପୂରା ପାରାଦୀପ ଝୁମି ଉଠୁଛି । ଦର୍ଶକ ମାନଙ୍କ ଭିଡକୁ ଦେଖି କଳାକାରମାନେ ମଧ ବେଶ୍ ଉତ୍ସାହିତ । ବିଶ୍ୱକର୍ମା ପୂଜା ଅବସରରେ ଲୋକମାନଙ୍କ ଭିଡକୁ ଲକ୍ଷରେ ରଖି ନାମିଦାମୀ ହୋଟେଲ ପକ୍ଷରୁ ଷ୍ଟଲ୍ ମାନ ଖୋଲାଯାଇଛି । ତା ସାଙ୍ଗକୁ ଫାଷ୍ଟଫୁଡ ଷ୍ଟଲରେ ବିରିୟାନୀ, ରୋଲ, ଚାଓମିନ, ତନ୍ଦୁରି ଚିକେନ୍, ଚାଟ, ଦୋଷା, ଠୁଙ୍କାପୁରୀ, ରସାବଳୀ, ଗୁପଚୁପ ଓ ଆଇସକ୍ରିମ୍ ଖାଇବାର ମଜା ନେଉଛନ୍ତି ଦର୍ଶକ । କି ଦିନ କି ରାତି ପାରାଦୀପରେ ଏବେ ଜନଗହଳି ଲାଗି ରହିଛି । ସନ୍ଧ୍ୟା ହେଲେ ଆକର୍ଷଣୀୟ ତୋରଣ ଆଉ ଝିଲମିଲ୍ ଆଲୋକ ସଜା ଦର୍ଶକଙ୍କୁ ବିମୋହିତ କରୁଛି । ଏହାସହ ଘରକରଣା ସାମଗ୍ରୀ କିଣାକିଣିରେ ମହିଳାମାନେ ଦୋକାନ ବଜାରରେ ଭିଡ ଜମାଉଛନ୍ତି । ଜୟଦେବ ସଦନ ପରିସରରେ ଥିବା ମୀନା ବଜାରରେ ପିଲାମାନେ ବିଭିନ୍ନ ଖେଳର ମଜା ନେଉଛନ୍ତି । ବୋଟିଂ, ସ୍କେଟିଂ ଠାରୁ ନେଇ ଟୟ ଟ୍ରେନ୍ ପର୍ଯ୍ୟନ୍ତ ଖେଳର ଆକର୍ଷଣରେ ପିଲାଏ ବି ମସଗୁଲ୍ । ଏହାସହ ବିଶ୍ୱକର୍ମା ଅବସରରେ ପର୍ଯ୍ୟଟକ ମାନେ ଛୁଟିରେ ଆସୁଛନ୍ତି ପାରାଦୀପକୁ । ବନ୍ଦରରେ ଜାହାଜ ଦେଖିବା ସହ ସମୁଦ୍ର କୂଳରେ କାଟୁଛନ୍ତି ସାରା ଦିନ । ସମୁଦ୍ର ଗାଧୁଆ ସାଙ୍ଗକୁ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି ଏବଂ ବିଶ୍ରାମ ନେଉଛନ୍ତି । ସନ୍ଧ୍ୟାରେ ଆକର୍ଷଣୀୟ ତୋରଣ ଆଉ ଝିଲମିଲ୍ ଆଲୋକ ସଜା ଦର୍ଶକଙ୍କୁ ଆକର୍ଷିତ କରୁଛି । ତେବେ ବିଶ୍ୱକର୍ମା ପୂଜା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପାଗ ଭଲ ରହିଥିବାରୁ ଜନ ସମାଗମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତୃତୀୟ ସଂଧ୍ୟାରେ ଲକ୍ଷାଧିକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଭିଡକୁ ଦୃଷ୍ଟିରେ ରଖି ପୁଲିସ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦେଇଛି । ସିସିଟିଭି ଜରିଆରେ ପୂଜା ମଣ୍ଡପ, ମେଲୋଡି ମଂଚ ଏବଂ ରାସ୍ତାଘାଟ ଉପରେ ନଜର ରଖିଛି ପୁଲିସ । ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ଯାନବାହନ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଛି । ସହରକୁ ବିଭିନ୍ନ ସ୍ଥାନରେ ସିଲ୍ ମଧ କରାଯାଇଛି ।

# ସେଂଟ୍ରାଲ ପାର୍କ ଏବେ ଖୋଲା ମଳତ୍ୟାଗ ସ୍ଥାନରେ ପରିଣତ

ରାଉରକେଲା, (ପିଏନ୍)- ରାଉରକେଲା ସହରର ଛେଣ୍ଡ କଲୋନୀ ଠାରେ ୨୦୧୩/୧୪ ରେ ନିର୍ମାଣ ହୋଇଥିବା ସେଂଟ୍ରାଲ ପାର୍କ ଏବେ ବସ୍ତି ବାସିନ୍ଦା, ବୁଲା ବିକାଳିଙ୍କର ଖୋଲା ମଳତ୍ୟାଗ ଯାଗାରେ ପରିଣତ ହୋଇଛି । ମୋଟ୍ ୯ ଏକରରୁ ଅଧିକ ଯାଗାରେ ନିର୍ମିତ ଏହି ପାର୍କରେ ଏବେ ଅନାବନା ଗଛ ଭରିଯାଇ ଥିବାବେଳେ ପିଲାଙ୍କ ଲାଗି ଥିବା ଖେଳ ସମଗ୍ରୀ ନଷ୍ଟ ହୋଇସାରିଛି । ବ୍ୟାୟାମ ନିମନ୍ତେ ଥିବା ବିଭିନ୍ନ ଉପକରଣ ଆଉ କାମ କରୁନାହିଁ । ଚାଲିବା ଲାଗି ତିଆରି କରାଯାଇଥିବା ଚଲାପଥ ନଷ୍ଟ ହୋଇଯାଇଛି । ବୋଟିଂ ଲାଗି ଖୋଳା ଯାଇଥିବା ପୋଖରୀରେ ଅନାବନା ଗଛ ଉଠିବା ସାଙ୍ଗକୁ ଖାଲିଥିବା ଯାଗାରେ ବେବେଳେ କିଛି ଛୁଆ ଗାଧୋଉଥିବା ଦେଖାଯାଉଛି । ଏଠାରେ ବୋଟିଂ ଲାଗି ବ୍ୟବସ୍ଥା ହେବ ବୋଲି ଯାହା ଟଙ୍କା ସିନା ଖର୍ଚ୍ଚ ହେଲା କିନ୍ତୁ ବୋଟ୍ କୁ ଦିନେ ହେଲେ ଲୋକେ ଦେଖି ପାରିଲେ ନାହିଁ । ଦିନ ମାନ ଏସବୁ ଚାଲିବା ପରେ ରାତିରେ କିଛି ଲୋକଙ୍କ ଲାଗି ଏହା ମଦ୍ୟ ଆସର ନିମନ୍ତେ ଉପଯୁକ୍ତ ସ୍ଥାନ ପାଲଟିଛି । କାରଣ ଏହି ପାର୍କକୁ ଲାଗି ରହିଥିବା ଫୁଟପାଥରେ ଚିକେନର ବିଭିନ୍ନ ଆଇଟମ ମିଳୁଥିବାରୁ ବିଳମ୍ବିତ ରାତିଯାଏ ଏଠାରେ ଆସର ଚାଲିପାରୁଛି । ଏ ହେଉଛି ସେହି ସେଂଟ୍ରାଲ ପାର୍କ ଯାହାର ନିର୍ମାଣ କାମ କରାଇଥିଲା ଆର ଡି ଏ ଦ୍ୱାରା ୨୦୧୩/୧୪ରେ । ସେତେବେଳେ ରାଉରକେଲାର ବର୍ତମାନର ବିଧାୟକ ସାରଦା ବାବୁ ଏହାର ଅଧକ୍ଷ ଦାୟିତ୍ୱରେ ଥିଲେ ।ଏହି ପାର୍କ ନିର୍ମାଣ କାମ ଲାଗି ମୋଟ ବ୍ୟୟ ଅଟକଳ ଥିଲା ୧ କୋଟି ୨୨ ଲକ୍ଷ ୮୨୮ ଟଙ୍କା । ଏଥିଲାଗି କାମ ପାଇଥିବା ଠିକାଦାର ଏହି କାମକୁ ୧ କୋଟି ୧୦ ଲକ୍ଷ ୫୦ ହଜାର ୨୪୭ ଟଙ୍କାରେ ନେଇଥିଲେ । କାମ ସରିବା ପରେ ପୁଣି ପୋଖରୀ ଖୋଳା ଗଲା । ଖୋଳା ଯାଇଥିବା ପୋଖରୀକୁ ଖୋଲା ଛାଡି ଦେବାରୁ ଜଣେ ଛାତ୍ର ଏଠାରେ ବୁଡି ପ୍ରାଣ ହରାଇଲେ । ତା ପରେ ପରେ ପୁଣି ଖୋଳା କାମ ସରିବା ସହ ଏଠାରେ ବୋଟିଂ ଲାଗି ସରକାରଙ୍କର ଯୁଡି ବିଭାଗରୁ ୪୪ ଲକ୍ଷ ୫୫ ହଜାର ୩୯୬ ଟଙ୍କା ଅଣାଯାଇ ବ୍ୟୟ କରାଗଲା । ହେଲେ ଆଜି ଯାଏ ଲୋକେ ବୋଟ୍ କୁ ଦେଖିବାକୁ ପାଇଲେ ନାହିଁ । ସେହିଭଳି ୨୦୧୭/୧୮ରେ ଏହି ପାର୍କ ଲାଗି ରାସ୍ତା, ଡ୍ରେନ, କଲଭର୍ଟ, ଡଷ୍ଟବିନ ବସିବା ଲାଗି ବେଂଚ ଆଦି ଲାଗି ସରକାରଙ୍କ ଯୁଡି ବିଭାଗରୁ ୨୪ ଲକ୍ଷ ୮୫ ହଜାର ଅଣାଯାଇ ବିନିଯୋଗ କରାଗଲା । ପାର୍କର ନିର୍ମାଣ ଆରମ୍ଭରୁ ଇତିମଧ୍ୟରେ ୫ ବର୍ଷ ବିତିଗଲା । ଏହାକୁ ରକ୍ଷଣା ବେକ୍ଷଣ କିମ୍ବା ଜଗିବା କେବେ ହେଲେ ଦେଖା ଯାଇନଥିବା ବେଳେ ପାର୍କ ନିର୍ମାଣର ମୂଳ ଲକ୍ଷ୍ୟ ତା ରାସ୍ତାରେ ରହିଛି । ପୁରା ପାର୍କ ଏବେ ଦୁର୍ଗନ୍ଧମୟ ପରିବେଶ ସାଙ୍ଗକୁ ମଦବୋତଲର ଭଙ୍ଗା କାଚରେ ଭର୍ତି । କିଛି ଲୋକ ସକାଳ ସମୟରେ ଚଲାବୁଲା ଏଠାରେ କରୁଛନ୍ତି, କିନ୍ତୁ ମୁହଁରେ ଲୁଗାଦେଇ ଚାଲୁଛନ୍ତି । ବ୍ୟାୟମ ମେସିନ ସେମିତି ଖରାପ ହୋଇ ପଡିଛି । ପୋଖରୀରେ ଅନାବନା ଗଛ ରାଜ କରୁଛନ୍ତି । କୁହାଯାଉଛି ଯେ, ଏହାକୁ ଆରଡିଏ ନିର୍ମାଣ କଲା ପରେ ରକ୍ଷଣା ବେକ୍ଷଣ ଦାୟୀତ୍ୱ ପୌରପାଳିକା ହାତରେ ନ୍ୟସ୍ତ କରିଥିଲା । ହେଲେ ଆଜି ଯାଏ ଏହାର ରକ୍ଷଣା ବେକ୍ଷଣ ଲାଗି କେବଳ କାଗଜପତ୍ରରେ ବିଲ୍ ସିନା ହୋଇଛି, କିନ୍ତୁ ରକ୍ଷଣା ବେକ୍ଷଣ ପୁରା ଶୂନ୍ । ବର୍ତମାନ ପ୍ରଶ୍ନ ଉଠୁଛି, ମୋ ରାଉରକେଲା ବିକାଶ ପଥରେ, ସୁନ୍ଦର ସବୁଜ ରାଉରକେଲା ବୋଲି ସବୁ ବେଳେ ବିଭିନ୍ନ ଯାଗାରେ କହୁଥିବା ସାରଦା ବାବୁ ତ ଏହି ସହରରେ ରୁହନ୍ତି । ସେହି ପାର୍କ ଦେଇ ବିଭିନ୍ନ ସମୟରେ ଯାତାୟତ ବି କରୁଛନ୍ତି, ତାଙ୍କ ସମୟରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ପାର୍କକୁ ଥରେ କେବେ ବୁଲି ଦେଖିଛନ୍ତି କି ? ଯଦି ଦେଖିଛନ୍ତି ସରକାରୀ ଅର୍ଥ ବିନିଯୋଗ ପରେ ବି ଏହି ପାର୍କରେ ବୋଟିଂ ବ୍ୟବସ୍ଥା କାହିଁକି ହୋଇ ପାରିବନି ଓ ଏହାର ଦୁରାବସ୍ଥା ଲାଗି ସେ କି ପଦକ୍ଷେପ ନେଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ହେଉଛି ।




# ନଷ୍ଟ ଯୋଗୁଁ ରକ୍ତଦାନ ନିରର୍ଥକ



ଭୁବନେଶ୍ୱର (ପିଏନ୍): ଦେଶରେ ଥିବା ରକ୍ତ ଭଣ୍ଡାର ଗୁଡ଼ିକରେ ଯେତିକି ରକ୍ତ ସଂଗୃହୀତ ହେଉଛି ତାର ଏକ ବିଶେଷ ଭାଗ ନଷ୍ଟ ହୋଇଯାଉଥିବା ଉଦ୍‌ବେଗର ବିଷୟ। ଅଟକଳ କରାଯାଉଛି ଯେ ପ୍ରତିବର୍ଷ ଅନ୍ୟୁନ ୬ଲକ୍ଷ ଲିଟର ରକ୍ତ ନଷ୍ଟ ହୋଇଯାଉଛି। ଗତ ୫ବର୍ଷ ମଧ୍ୟରେ ୨୮ ଲକ୍ଷ ୟୁନିଟ ରକ୍ତ ନଷ୍ଟର କାରଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଜାତୀୟ ମାନବିକ ଅଧିକାର କମିଶନ ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ମଧ୍ୟ ଏପରି ନଷ୍ଟକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରଣାଳୟକୁ କହିଛନ୍ତି। ଚିନ୍ତାର ବିଷୟ ହେଲା ଦେଶରେ ବର୍ଷକୁ ୯ ୟୁନିଟ ରକ୍ତର ଆବଶ୍ୟକତା ରହିଛି। ରକ୍ତର ଅଭାବ ରହୁଥିବାବେଳେ ସଂଗୃହୀତ ରକ୍ତ ନଷ୍ଟ ହୋଇଯିବା ବେଶୀ ଦୁଃଖଦାୟକ। ବଡ଼ ବଡ଼ ରାଜ୍ୟଗୁଡ଼ିକରେ ରକ୍ତ ନଷ୍ଟ ସମସ୍ୟା ବେଶୀ। ସଂସଦରେ ଗତ ଅଧିବେସନ ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଅନୁସାରେ ରକ୍ତ ସଂରକ୍ଷଣ ଓ ତାର ବ୍ୟବହାର ସମୟ ସୀମା ଭିତରେ ମୁଖ୍ୟତଃ ରକ୍ତ ନଷ୍ଟ ହୋଇଯାଉଛି। ନିର୍ଦ୍ଦିଷ୍ଟ କାରଣ ହେଲା ବ୍ୟାକ୍‌ଟେରିଆ ଜନିତ କଳୁଷିତ ସମସ୍ୟା, ସଂକ୍ରମଣ, ବଣ୍ଟ;ାନ୍ତରିତକରଣ ଓ ମାନ ରକ୍ଷାରେ ବିଫଳତା। ହସ୍ପିଟାଲ ଓ ରକ୍ତ ଭଣ୍ଡାର ମଧ୍ୟରେ ସମନ୍ୱୟର ଅଭାବ ଆଉ ଏକ ସମସ୍ୟା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ରିପୋର୍ଟରେ ସ୍ୱୀକାର କରାଯାଇଛି ଯେ ଅଧିକାଂଶ ସରକାରୀ ରକ୍ତଭଣ୍ଡାରକୁ ନିୟମିତ ଭାବେ ପରିଦର୍ଶନ କରାଯାଉନାହିଁ ଓ ସେସବୁ ଶ୍ରେଷ୍ଠ ମାନର ନିୟମ ପାଳନ କରୁନାହାନ୍ତି। ରକ୍ତ ଭଣ୍ଡାର ଲାଇସେନ୍ସ ଦେବାବେଳେ ଆବଶ୍ୟକ ନିୟମକୁ ଅନୁସରଣ କରାଯାଉନାହିଁ। ଦେଶରେ ମାତ୍ର ୫୫ ପ୍ରତିଶତ ରକ୍ତଭଣ୍ଡାର ପାଖରେ ବୈଧ ଲାଇସେନ୍ସ ରହିଛି। ନିକଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦେଶରେ ଆଉ ୮୦ଟି ରକ୍ତ ଭଣ୍ଡାର ଆରମ୍ଭ କରାଯିବ। ଏବେ ଦେଶରେ ୨୮ଶହଟି ରକ୍ତଭଣ୍ଡାର ରହିଛି। ଉଭୟ ପୁରୁଣା ଓ ରକ୍ତ ଭଣ୍ଡାରଗୁଡ଼ିକୁ ବୈଷୟିକ ଦୃଷ୍ଟିରୁ ଉପଯୁକ୍ତ ତଥା ଦକ୍ଷ କରାଯିବା ଦରକାର। ଯଦ୍ୱାରା ସଂଗୃହୀତ ରକ୍ତକୁ ନିରାପଦ ଭାବେ ଯେତେ ସମୟ ସମ୍ଭବ ସଂରକ୍ଷିତ ରଖାଯାଇପାରିବ। ରକ୍ତରେ ଯେଉଁସବୁ ଉପାଦାନ ରହିଛି ସେଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅଛି। ସେସବୁ ହେଲା ପ୍ଲାଜମା, ଲାଲ ରକ୍ତ କଣିକା, ପ୍ଲାଟେଲେଟ। ସେସବୁକୁ ଉପଯୁକ୍ତ ଢ଼ଙ୍ଗରେ ସଂରକ୍ଷିତ ରଖାଯିବା ଦରକାର। କିନ୍ତୁ ଦେଶରେ ମାତ୍ର ୪୦ ପ୍ରତିଶତ ରକ୍ତ ଭଣ୍ଡାରରେ ରକ୍ତର ଉପାଦାନ ଅଲଗା କରିବା ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ସରକାରୀ ପରିଚାଳିତ ରକ୍ତ ଭଣ୍ଡାର ଅପେକ୍ଷା ଘରୋଇ ଉଦ୍ୟୋଗର ସ୍ଥିତି ଭଲ। କେତେକ ରକ୍ତ ଭଣ୍ଡାରରେ ଏଚ୍‌ଆଇଭି ଓ ହେପାଟାଇଟିସ୍ (ବି) ଭୂତାଣୁ ଯାଞ୍ଚ କରିବା ସୁବିଧା ରହିଛି। ଅଧିକ ରକ୍ତ ଭଣ୍ଡାରରେ ଏହା ଆବଶ୍ୟକ। ସବୁ ରକ୍ତ ଭଣ୍ଡାରରେ ଏ ସୁବିଧା ସମେତ ସବୁ ଯାଞ୍ଚ ବ୍ୟବସ୍ଥା ରଖାଯାଇପାରିଲେ ଯେଉଁ ରୋଗୀମାନେ ରକ୍ତ ନେଉଛନ୍ତି ସେମାନଙ୍କ ପ୍ରତି ବିପଦର ଆଶଙ୍କା ରହିବ ନାହିଁ। ସୁତରାଂ ଦେଶର ସବୁ ରକ୍ତ ଭଣ୍ଡାରରେ ରକ୍ତର ସଂରକ୍ଷଣ କିପରି ଠିକ୍ ଭାବେ ହେବ ତାହା ଗୁରୁତ୍ୱପୂର୍ଣ୍ଣ। ଗୋଟିଏପଟେ ଦେଖାଯାଉଛି ଯେ ରୋଗୀ ଆବଶ୍ୟକ ବେଳେ ରକ୍ତ ପାଉନାହାନ୍ତି। ଦେଶର ଜନସଂଖ୍ୟା ଅଧିକ ହୋଇଥିବାରୁ ଓ ସ୍ୱାସ୍ଥ୍ୟ ଉଦ୍ୟୋଗରେ ଚାପ ବଢୁଥିବାରୁ ରୋଗୀଙ୍କ ପାଇଁ ରକ୍ତର ଚାହିଦା ବି ଅଧିକ ହେବ। ଏଯାଏଁ ରକ୍ତଦାନ ଏକ ଦାତବ୍ୟ କାର୍ଯ୍ୟକ୍ରମ ଭାବେ ବିବେଚିତ ହେଉଛି। ରାଜନୈତିକ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ କିନ୍ତୁ ଏସବୁ ସତ୍ତ୍ୱେ ଚାହିଦା ତୁଳନାରେ ରକ୍ତ ସଂଗୃହୀତ ହେଉନାହିଁ ଓ ଯେତିକି ରକ୍ତ ସଂଗ୍ରହ କରାଯାଉଛି ସେଥିରୁ ଅଧିକ ଭାଗ ମଧ୍ୟ ନଷ୍ଟ ହୋଇଯାଉଛି। ପ୍ରାୟତଃ ଖରାଦିନରେ ରକ୍ତଦାନ ଶିବିର କମ୍ ପରିମାଣରେ ଆୟୋଜନ ହୋଇଥାଏ ଯାହାଦ୍ୱାରା ଏହି ଗ୍ରୀଷ୍ମରେ ହିଁ ସବୁଠି ରକ୍ତର ଘୋର ସଙ୍କଟ ପଡ଼ିଥାଏ। ସେହିପରି ଦିନକୁ ଦିନ ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ ଭାବରେ ବଢୁଥିବାରୁ ଦୁର୍ଘଟରାଗ୍ରସ୍ତ ମୁମୂର୍ଷୁଙ୍କ ପାଇଁ ରକ୍ତ ନିହାତି ଲୋଡ଼ା ପଡୁଥିବାବେଳେ ରକ୍ତ ଅଭାବ ମୁମୂର୍ଷୁଙ୍କ ପାଇଁ ଜୀବନ ମରଣ ସମସ୍ୟା ସୃଷ୍ଟି କରିଥାଏ। ତେବେ ରକ୍ତ ସଂରକ୍ଷଣ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ଆହୁରି ଭିତ୍ତିଭୂମି କ୍ଷେତ୍ରଜନିତ ସହଯୋଗ ଜରୁରୀ ମନେହୁଏ। ଏ ଦୃଷ୍ଟିରୁ ଉଭୟ ସରକାରୀ ଓ ଘରୋଇ ରକ୍ତ ଭଣ୍ଡାରଗୁଡ଼ିକ ଉନ୍ନତ ବୈଷୟିକ କୌଶଳ ଓ ଉପଯୁକ୍ତ ରକ୍ତ ଭଣ୍ଡାର ପରିଚାଳନା ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଆବଶ୍ୟକ।

**(ସୌଜନ୍ୟ: ନାରାୟଣଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ: ୯୪୩୮୨୭୬୭୬୦)**

# ଏସିଆନ୍ ଏକ୍‌ସେଲେନ୍‌ସୀ ପୁରସ୍କାର ପାଇଁ 'କ୍ରାନ୍ତିଧାରା' ମନୋନୀତ




ଭୁବନେଶ୍ୱର (ପିଏନ୍): ସମ୍ମାନଜନକ ଏସିଆନ୍ ଏକ୍‌ସେଲେନ୍‌ସୀ ପୁରସ୍କାର ପାଇବା ପାଇଁ ଓଡ଼ିଆ ଫିଚର ଫିଲ୍ମ 'କ୍ରାନ୍ତିଧାରା' ମନୋନୀତ ହୋଇଛି। ଦକ୍ଷିଣକୋରିଆର ସିଓଲଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ୟୁଥ୍ ଫିଲ୍ମ ଫେଷ୍ଟିଭଲ୍‌ରେ କ୍ରାନ୍ତିଧାରାକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଅଚ୍ୟୁତ ସାମନ୍ତଙ୍କ ନିବେଦିତ କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ବ୍ୟାନ୍‌ରରେ ନିର୍ମିତ କ୍ରାନ୍ତିଧାରାର ଚିତ୍ରନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ। ସୂଚନାଯୋଗ୍ୟ, ଡ. ଇତି ସାମନ୍ତଙ୍କ ମୂଳଗଳ୍ପ 'ଝଡ଼ ପରର ଦୃଶ୍ୟ' କାହାଣୀ ଆଧାରରେ ଏହା ନିର୍ମିତ। ରାଜନୈତିକ ପ୍ରେକ୍ଷାପଟ୍ଟରେ ଜଣେ ନାରୀର ସଂଘର୍ଷମୟ ଗାଥାକୁ ଏକ ସକାରାତ୍ମକ ଢ଼ଙ୍ଗରେ ଉପସ୍ଥାପନ କରାଯାଇ ପ୍ରସ୍ତୁତ ହୋଇଛି ଚଳଚ୍ଚିତ୍ର କ୍ରାନ୍ତିଧାରା। ଏହି ଚଳଚ୍ଚିତ୍ରଟି ମୁକ୍ତିଲାଭ କରି ବିଭିନ୍ନ ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିବା ସହ ବହୁ ଜାତୀୟ ଓ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ଉଚ୍ଚପ୍ରଶଂସିତ ହୋଇସାରିଛି। କେବଳ ସେତିକି ନୁହେଁ, ଏହା ତୃତୀୟ ଓଡ଼ିଆ ଚଳଚ୍ଚିତ୍ର ଭାବେ କାନ୍‌ସ ମହୋତ୍ସବ ଓ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ହିଡ୍ଡେନ୍ ଜେମ୍‌ସ ଫିଲ୍ମ ଫେଷ୍ଟିଭଲ୍‌ରେ ପ୍ରଦର୍ଶିତ ହୋଇ ପ୍ରଶଂସା ଅର୍ଜନ କରିଛି। ଏଥିରେ ବିଭିନ୍ନ ଭୂମିକାରେ ସମରେଶ ରାଉତରାୟ, ଗାର୍ଗୀ ମହାନ୍ତି, ଦେବାଶିଷ ପାତ୍ର, ପ୍ରିୟ ମିତ୍ର, ବିଜୟଲକ୍ଷ୍ମୀ ପ୍ରହରାଜ, ବିଦ୍ୟୁତପ୍ରଭା ପଟ୍ଟନାୟକ, ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଏସିଆନ୍ ଏକ୍‌ସେଲେନ୍‌ସୀ ପୁରସ୍କାର ପାଇବା ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗର୍ବ ଓ ଗୌରବର ବିଷୟ।

# ନାଲ୍‌କୋର ୩୮ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଅଧିନସ୍ଥ ନବରତ୍ନ ଲୋକଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ), ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ଅବ୍ୟାହତ ରଖି ପୁନର୍ବାର ଷ୍ଟକ୍ ବଜାରରେ ନୂତନ ସୁସମ୍ବାଦ ଆଣି ଦେଇଛି। କମ୍ପାନୀ ୧୦୭୨.୭୩ କୋଟି ଟଙ୍କାର ରେକର୍ଡ଼ ଡିଭିଡେଣ୍ଡ ପ୍ରଦାନ କରିବାକୁ ଘୋଷଣା କରିଛି। ୨୦୧୭-୧୮ର ୧୧୪ ପ୍ରତିଶତ ତୁଳନାରେ ଏହା ୨୦୧୮-୧୯ରେ ୧୧୫ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ୫ ଟଙ୍କା ମୂଲ୍ୟର ଇକ୍ୱିଟୀ ଶେୟାର୍ ପିଛା ୫.୭୫ ଟଙ୍କା ଅଟେ। ୧୯୮୧ରେ କମ୍ପାନୀ କାର୍ଯ୍ୟକ୍ଷମ ହେବା ପର ଠାରୁ ଏହା ଏଯାବତ୍ ସର୍ବାଧିକ ଡିଭିଡେଣ୍ଡ ଅଟେ। ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁସନ୍ ଟ୍ୟାକ୍ସ ସମେତ ସମୁଦାୟ ପେଆଉଟ୍ ଗତ ଆର୍ଥିକ ବର୍ଷର ୧୧୦୧.୭୭ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ୧୦୭୨.୭୩ କୋଟି ଟଙ୍କା ହେଉଛି। ୧୮ ସେପ୍ଟେମ୍ବର ୨୦୧୯ରେ ଅନୁଷ୍ଠିତ କମ୍ପାନୀର ୩୮ତମ ବାର୍ଷିକ ସାଧାରଣ ବୈଠକ ଅବସରରେ, କମ୍ପାନୀର ଅଂଶଧନଧାରୀମାନେ ଏହି ଡିଭିଡେଣ୍ଡ ପେଆଉଟ୍ ପ୍ରସ୍ତାବକୁ ଗୃହୀତ କରିଛନ୍ତି। ଚଳିତ ବର୍ଷ, ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁସନ୍ ଟ୍ୟାକ୍ସ ସମେତ ଡିଭିଡେଣ୍ଡ ପରିମାଣ ନିଟ୍ ଲାଭର ୯୮.୮୧ ପ୍ରତିଶତ ଅଟେ। ନାଲ୍‌କୋ କମ୍ପାନୀ ପ୍ରତିଷ୍ଠାଠାରୁ ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ଟିକସ, ରୟାଲ୍‌ଟୀ ଏବଂ ଡିଭିଡେଣ୍ଡ ଆକାରରେ ସମୁଦାୟ ୩୨,୮୮୬ କୋଟି ଟଙ୍କା ପ୍ରଦାନ କରିଛି। ଏଥି ମଧ୍ୟରୁ ୨୫,୯୧୭ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଏବଂ ୬,୯୬୯ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ୩୮ତମ ବାର୍ଷିକ ସାଧାରଣ ବୈଠକ ପରେ ଏ ସଂକ୍ରାନ୍ତରେ ମତାମତ ଦେଇ ନାଲ୍‌କୋର ଅଧକ୍ଷ ଡଃ ତପନ କୁମାର ଚାନ୍ଦ କମ୍ପାନୀର ସଫଳତା ପାଇଁ ଐକବଦ୍ଧ ଭାବେ କାର୍ଯ୍ୟ, ମିତବ୍ୟୟିତା ଉପରେ ଲକ୍ଷ୍ୟ ଏବଂ ବିଧିବଦ୍ଧ ଯୋଜନାକୁ ଶ୍ରେୟ ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷକୁ ନାଲ୍‌କୋ ପାଇଁ ଏକ ଅତ୍ୟନ୍ତ ସଫଳ ବର୍ଷ ଭାବେ ଉଲ୍ଲେଖ କରି ଡଃ ଚାନ୍ଦ କହିଲେ ଯେ ଉତ୍ପାଦନ, ଉତ୍ପାଦକତା, ଆର୍ଥିକ ଲାଭ ଏବଂ ମାନବସମ୍ବଳ ନିୟୋଜନ ଆଦି ପ୍ରତିଟି କ୍ଷେତ୍ରରେ କମ୍ପାନୀ ସଫଳତା ହାସଲ କରିଛି। ଏଥି ସହ ସାମାଜିକ ଦାୟିତ୍ୱବୋଧ ଏବଂ ସମ୍ବେଦନଶୀଳ କାର୍ଯ୍ୟପଦ୍ଧତି ଦିଗରେ ମଧ୍ୟ ନାଲ୍‌କୋ ମାନ୍ୟତା ଲାଭ କରିଛି।

# ମଦ୍ୟପର ଉତ୍ପାତ, ସାରଗାଁରେ ଦୋକାନ ବଜାର ବନ୍ଦ

ବାଲେଶ୍ୱର (ପିଏନ୍): ସଦର ଥାନା ଅନ୍ତର୍ଗତ ସାରଗାଁ ବଜାରର ଛାତି ଉପରେ ଏକ ଠିପିବନ୍ଦ ମଦ ଦୋକାନ ଖୋଲିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀମାନେ ଏହାର ପ୍ରତିବାଦ ଜିଲ୍ଲା ପ୍ରଶାସନଠାରେ କରିଥିଲେ ମଧ୍ୟ କିଛି ଶୁଣି ନଥିଲେ। ଫଳସ୍ୱରୂପ ଦୁଇ ଚାରି ଜଣ ବ୍ୟକ୍ତି ଗୋଟିଏ ଖଣ୍ଡା ଧରି ପଥଚାରୀମାନଙ୍କୁ ଗୋଡାଇବା ଦ୍ୱାରା ପଥଚାରୀମାନେ ଭୟଭୀତ ହୋଇ ଚାଲିଯାଇଥିଲେ ଏବଂ ଦୋକାନ ବଜାର ସବୁ ବନ୍ଦ ରହିଥିଲା। ଏଭଳି ବାରମ୍ବାର ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଲୋକମାନେ ଉତ୍ତ୍ୟକ୍ତ ହୋଇ ଦୋକାନ ବଜାର ବନ୍ଦ କରିଛନ୍ତି। ସରପଞ୍ଚ ରବି ନାୟକଙ୍କ ସହିତ ଗ୍ରାମବାସୀମାନେ ଏକତ୍ରିତ ହୋଇ ଜିଲ୍ଲା ପ୍ରାଶାସନର ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ପାଇଁ ଏକତ୍ରିତ ହୋଇଛନ୍ତି। ସେମାନେ ମଦ ଦୋକାନ ଅନ୍ୟତ୍ର କରିବା ପାଇଁ ବହୁ ଦିନରୁ ଦାବୀ କରୁଥିଲେ ମଧ୍ୟ ପ୍ରଶାସନ ଶୁଣୁନାହାନ୍ତି। ଫଳରେ ଗ୍ରାମବାସୀମାନେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ସେଠାରୁ ମଦ ଦୋକାନ ସ୍ଥାନାନ୍ତର ନକଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


## DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phagun Communication


# 'ଏକ୍ ଭାରତ, ବିଜୟୀ ଭାରତ'




କନ୍ୟାକୁମାରୀରେ ବିବେକାନନ୍ଦ ସ୍ମାରକ ଶିଳା ସ୍ଥାପନର ୫୦ ବର୍ଷ ପୂର୍ତ୍ତି ଅବସରରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ଏକ ବିଶାଳ ସମ୍ପର୍କ କାର୍ଯ୍ୟକ୍ରମ 'ଏକ ଭାରତ ବିଜୟୀ ଭାରତ' ଦେଶବ୍ୟାପୀ ୨୦୧୯ ସେପ୍ଟେମ୍ବର ୨ ତାରିଖଠାରୁ ଆରମ୍ଭ କରିଛି। ସ୍ୱାମୀ ବିବେକାନନ୍ଦ ୧୮୯୨ ଡିସେମ୍ବର ୨୫, ୨୬ ଓ ୨୭ ତାରିଖରେ କନ୍ୟାକୁମାରୀ ବେଳାଭୂମି ନିକଟ ସାଗର ମଧ୍ୟଭାଗରେ ଶିଳା ଉପରେ ଧ୍ୟାନ କରିଥିଲେ। ଭାରତ ମହାସାଗରରେ ଏହି ଶିଳା ଉପରେ ଧ୍ୟାନ କରି ସେ ଜୀବନର ଲକ୍ଷ୍ୟ ସହ ଭାରତର ଗରିମା ବଜାୟ ରଖିବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଦେଶର ଇତିହାସରେ ମହାନ ଗୁରୁତ୍ୱ ବହନ କରୁଥିବା ଏହି ଶିଳା ଉପରେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମାରକ ନିର୍ମାଣ ପାଇଁ ୧୯୬୩ ମସିହାରେ ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଶିଳା ସ୍ମାରକ ଏକତାର ବାର୍ତ୍ତା ଦେବା ସହ ଏହାର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ଅର୍ଥପୂର୍ଣ୍ଣ ଜୀବନର ବାର୍ତ୍ତା ବହନ କରୁଛି। ଏହାର ଅନନ୍ୟ କାହାଣୀ ଆଞ୍ଚଳିକ, ରାଜନୈତିକ, ବର୍ଣ୍ଣ ଭେଦ ଊର୍ଦ୍ଧ୍ୱରେ ରହି ଲୋକେ ଏକତାର ସୂତ୍ରରେ ବାନ୍ଧି ହେବାର ବାର୍ତ୍ତା ଦେଇଥାଏ। ବିବେକାନନ୍ଦ ଶିଳା ସ୍ମାରକ ଦେଶବାସୀଙ୍କ ଇଚ୍ଛାରେ ଏବଂ ସେମାନଙ୍କ ଅନୁଦାନରେ ନିର୍ମାଣ କରାଯାଇଥିବାରୁ ଏହାର ଅନନ୍ୟ ଗୁରୁତ୍ୱ ରହିଛି। ୧୯୬୩ ମସିହାରେ ସଂସଦର ୩୨୩ ଜଣ ସାଂସଦ ଦିଲ୍ଲୀରେ ଉପସ୍ଥିତ ରହି ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏହାର ନିର୍ମାଣ ପାଇଁ ଏକ ସ୍ୱରରେ ନିବେଦନ କରିବା ଘଟଣା ହେଉଛି ଏହାର ସ୍ୱାତନ୍ତ୍ର୍ୟ। ସ୍ୱାମୀ ବିବେକାନନ୍ଦଙ୍କ ସ୍ମାରକ ନିର୍ମାଣ ପାଇଁ ଦେଶର ବୟସ୍କ ଜନସଂଖ୍ୟାର ୧% ମିଳିତ ଭାବେ ସେ ସମୟରେ ୮୫ ଲକ୍ଷ ଟଙ୍କା ଦାନ କରିବା ଏହାର ଦ୍ୱିତୀୟ ସ୍ୱାତନ୍ତ୍ର୍ୟ। ଏହି ବିରାଟ ସାଗର ମଧ୍ୟସ୍ଥ ଶିଳା ସ୍ମାରକର ତୃତୀୟ ସ୍ୱାତନ୍ତ୍ର୍ୟ ହେଉଛି, ଏହି ସ୍ମାରକ ନିର୍ମାଣ ଅବଧି (୧୯୬୪ରୁ ୧୯୭୦) ମଧ୍ୟରେ କ୍ଷମତାରେ ଥିବା ଦଳ ନିର୍ବିଶେଷରେ ପ୍ରାୟ ସମସ୍ତ ରାଜ୍ୟ ସରକାର ସର୍ବନିମ୍ନ ୧ ଲକ୍ଷ ଟଙ୍କା ଲେଖାଏଁ ସହଯୋଗ ରାଶି ଯୋଗାଇ ଥିଲେ। କେନ୍ଦ୍ର ସରକାର ମଧ୍ୟ ଏହି ସ୍ମାରକ ପାଇଁ ୧୫ ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ। ତେଣୁ ବାସ୍ତବ ଅର୍ଥରେ ବିବେକାନନ୍ଦ ଶିଳା ସ୍ମାରକ ହେଉଛି ଭାରତର ଏହି ମହାନ ଦେଶଭକ୍ତ ସନ୍ଥଙ୍କ ସ୍ମୃତିରେ ନିର୍ମିତ ଏକ ଜାତୀୟ ସ୍ମାରକ। ଏହି ସ୍ମାରକର ଚତୁର୍ଥ ସ୍ୱାତନ୍ତ୍ର୍ୟ ହେଉଛି ଏହା ଅଜନ୍ତା, ଏଲୋରା, ପଲ୍ଲବ, ଚୋଳ, ବେଲୁର ମଠ ଆଦି ଅନେକ ସ୍ମାରକ ଭଳି ଏହା ନିର୍ବିବାଦୀୟ ଅନନ୍ୟ ନିର୍ମାଣ ତଥା ସ୍ଥାପତ୍ୟ। ଏହା ଏକମାତ୍ର ସ୍ମାରକ ଯାହା ପରବର୍ତ୍ତୀ ସମୟରେ ବିବେକାନନ୍ଦ କେନ୍ଦ୍ର ଭାବେ ଏକ ସେବା ସଂଗଠନ ତଥା ଏକ ଆଧ୍ୟାତ୍ମିକ ସେବା ମିଶନ ଭାବେ ୧୯୭୨ରେ ଆତ୍ମପ୍ରକାଶ କରିଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ଯୁବକ ଯୁବତୀ ଯେଉଁମାନେ କି ପବିତ୍ର ଉତ୍ସାହର ସହ, ଭଗବାନଙ୍କ ଉପରେ ଶାଶ୍ୱତ ବିଶ୍ୱାସ ସହ, ଗରିବ, ପତିତ ଏବଂ ଦଳିତଙ୍କ ପ୍ରତି ସହାନୁଭୂତି ସହ ରାଷ୍ଟ୍ରର ସେବାକୁ ବ୍ରତ ଭାବେ ଜୀବନକୁ ସମର୍ପିତ କରିଛନ୍ତି ସେମାନେ ସମସ୍ତେ ସଂଗଠନର କ୍ୟାଡର ଅଟନ୍ତି। ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଦେଶର ବିଭିନ୍ନ ପ୍ରାନ୍ତକୁ ପଠାଯାଇଥାଏ। ସେମାନେ ସେହି ବ୍ୟକ୍ତିମାନଙ୍କୁ ସଂଗଠିତ ଏବଂ ସହାୟତା କରିଥା'ନ୍ତି, ଯେଉଁମାନେ ସମାଜ ପାଇଁ କାମ କରିବାକୁ ଚାହାନ୍ତି ଏବଂ ବିଭିନ୍ନ ସେବା କାର୍ଯ୍ୟକ୍ରମମାନ କରିଥାନ୍ତି। ଏହିପ୍ରକାର ଆଜି ବିବେକାନନ୍ଦ କେନ୍ଦ୍ର ଦେଶର ୧୦୦୫ ସ୍ଥାନରେ ସେବା ଗତିବିଧି ଜାରି ରଖିଛି। କେନ୍ଦ୍ର ଯୋଗ, ଶିକ୍ଷା, ଗ୍ରାମୀଣ ବିକାଶ, ଯୁବ ପ୍ରେରଣା, ଶିଶୁଙ୍କୁ ଗଢ଼ି ତୋଳିବା, ପ୍ରାକୃତିକ ସଂସାଧନ ବିକାଶ, ଗ୍ରାମୀଣ ଏବଂ ଜନଜାତି କ୍ଷେତ୍ରରେ ସାଂସ୍କୃତିକ ଅନୁସନ୍ଧାନ, ପ୍ରକାଶନ ଆଦି କ୍ଷେତ୍ରରେ କାର୍ଯ୍ୟ କରିଥାଏ। ଭାରତ ସରକାରଙ୍କ ଦ୍ୱାରା ବିବେକାନନ୍ଦ କେନ୍ଦ୍ରକୁ 'ଗାନ୍ଧି ଶାନ୍ତି ସମ୍ମାନ-୨୦୧୫'ରେ ସମ୍ମାନିତ କରାଯାଇ କେନ୍ଦ୍ରର କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଭାରତୀୟଙ୍କ ଭାଗିଦାରୀ ଏତେ ବ୍ୟାପକ ଥିଲା ଯେ ୨ ସେପ୍ଟେମ୍ବର ୧୯୭୦ରୁ ପ୍ରାୟ ଦୁଇ ମାସ ଧରି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଉଦ୍‌ଘାଟନର ତାରିଖ ପ୍ରତ୍ୟେକ ରାଜ୍ୟ ପାଇଁ ବିଶିଷ୍ଟ ତାରିଖ ଭାବେ ଘୋଷଣା କରାଯାଇଥିଲା। ଭାରତର ଅଧିବାସୀ ଏକତାର ସୂତ୍ରରେ ସଂଗଠିତ ହୋଇଥିବାରୁ ଏହି ସ୍ମାରକକୁ ସଫଳତାପୂର୍ବକ ତିଆରି କରାଯାଇପାରିଥିଲା। ଲୋକମାନଙ୍କ ସହ ବ୍ୟାପକ ସଂପର୍କ ଯୋଗୁଁ ଏହି ସ୍ମାରକ ଅସ୍ତିତ୍ୱରେ ଆସି ପାରିଥିବାରୁ ଏହାର ୫୦ ବର୍ଷ ଅବସରରେ 'ଏକ୍ ଭାରତ, ବିଜୟୀ ଭାରତ' ନାମରେ ଏକ ରାଷ୍ଟ୍ରବ୍ୟାପୀ ସଂପର୍କ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଂପର୍କ ଅଭିଯାନର ଉଦ୍‌ଘାଟନ ୨ ସେପ୍ଟେମ୍ବର ୨୦୧୯ରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତିଙ୍କ ସହ ବିବେକାନନ୍ଦ କେନ୍ଦ୍ରର ଅଖିଳ ଭାରତୀୟ ଶାଖାର କର୍ମକର୍ତ୍ତାଙ୍କ ସଂପର୍କଠାରୁ ଆରମ୍ଭ କରାଯାଇଥିଲା। ଏହାପରେ ବିବେକାନନ୍ଦ କେନ୍ଦ୍ରର ଅଖିଳ ଭାରତୀୟ ଶାଖାର କର୍ମକର୍ତ୍ତା ପର୍ଯ୍ୟାୟକ୍ରମେ ୩ ଓ ୪ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ଓ ଉପରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରିଥିଲେ। ସମୂହ ସଂପର୍କ ଅଭିଯାନ 'ଏକ୍ ଭାରତ, ବିଜୟୀ ଭାରତ'ର ଓଡ଼ିଶା କାର୍ଯ୍ୟକ୍ରମ ଆସନ୍ତା ସପ୍ତାହରେ ମହାମହିମ ରାଜ୍ୟପାଳଙ୍କ ସହ ସାକ୍ଷାତ ସହ ଆରମ୍ଭ ହେବ। ରାଜ୍ୟପାଳଙ୍କ ବ୍ୟତିତ ବିବେକାନନ୍ଦ କେନ୍ଦ୍ରର ରାଜ୍ୟ ଶାଖାର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଲୋକଙ୍କ ସହ ସାକ୍ଷାତ କରିବା ସହ ସ୍ୱାମୀ ବିବେକାନନ୍ଦ, ବିବେକାନନ୍ଦ ସ୍ମାରକୀର ପ୍ରେରଣାଦାୟୀ କାହାଣୀ ଏବଂ ବିବେକାନନ୍ଦ କେନ୍ଦ୍ରର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବ।

# ରେଡ଼କ୍ରସ୍ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାଥମିକ ଉପଚାର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍)-ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଯୁବ ରେଡକ୍ରସ ବିଭାଗ ପକ୍ଷରୁ ଏକ ଦୁଇଦିବସୀୟ ରାଜ୍ୟସ୍ତରୀୟ ଯୁବ ରେଡ଼କ୍ରସ୍ ପ୍ରାଥମିକ ଉପଚାର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ସ୍ଥାନୀୟ ରେଡ଼କ୍ରସ୍ ଭବନ, ଭୁବନେଶ୍ୱରଠାରେ ଆୟୋଜନ କରାଯାଇଅଛି। ରାଜ୍ୟର ପ୍ରତ୍ୟେକ ମହାବିଦ୍ୟାଳୟରେ ଥିବା ଯୁବ ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କୁ ରାଜ୍ୟସ୍ତରୀୟ ତାଲିମଦାତା ରୂପେ ଗଢିତୋଳି ପ୍ରାଥମିକ ଚିକିତ୍ସା ଜ୍ଞାନ ଓ କୌଶଳକୁ ସମସ୍ତ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ପାଖରେ ପହଂଚେଇବା ଲକ୍ଷ୍ୟ ରଖି ଏହିପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୪୦ଜଣ ଯୁବ ରେଡ଼କ୍ରସ୍ ପରାମର୍ଶଦାତା ଅଂଶଗ୍ରହଣ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମକୁ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସୁଶ୍ରୀ ସି.ଟି.ଏମ୍. ସୁଗୁଣା, ଅବସରପ୍ରାପ୍ତ ଭା.ପ୍ର.ସେ. ମୁଖ୍ୟଅତିଥି ରୂପେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ ପ୍ରତ୍ୟେକ ସେବା ବ୍ୟକ୍ତିତ୍ୱର ବିକାଶ କରିଥାଏ। ମନୁଷ୍ୟର ହୃଦୟରେ ଥିବା ସେବା ଭାବନାକୁ ରେଡକ୍ରସ ମାଧ୍ୟମରେ ସାଧାରଣଙ୍କ ଠାରେ ପହଂଚାଯାଇପାରିବ। ସମ୍ମାନୀତ ଅତିଥିଭାବେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଅବୈତନିକ ଯୁଗ୍ମ ସଚିବ ଡକ୍ଟର ଦୁର୍ଗାଶଙ୍କର ଷଡଙ୍ଗୀ ତାଙ୍କ ଅଭିଭାଷଣରେ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ ଦୁଇଦିବସୀୟ ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପ୍ରାଥମିକ ଜରୁରୀକାଳୀନ ସହାୟତା, ପ୍ରାଥମିକ ଚିକିତ୍ସା, ଆଘାତପ୍ରାପ୍ତ ବ୍ୟକ୍ତିକୁ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ଆଦି ବିଷୟରେ ତାଲିମପ୍ରାପ୍ତ ପ୍ରଶିକ୍ଷକ ଡା. ବିକାଶ ପ୍ରସାଦ ଓ ଡା. ଲୋକନାଥ ସାହୁଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଅଛି। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଯୁବ ରେଡ଼କ୍ରସ୍ ପରାମର୍ଶଦାତା ତଥା ରାଜ୍ୟ ସଂଯୋଜକ ଶ୍ରୀ ଗୋପାଳକୃଷ୍ଣ ମିଶ୍ର, କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଦେଇଥିଲେ। ଏହି ସଭା କାର୍ଯ୍ୟରେ ଶ୍ରୀ ଲିଙ୍ଗରାଜ ପଣ୍ଡା ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ।




# କ.ନୂଆଗାଁ, ବଣ୍ଡଗୁଡା ଠାରେ ଗୁଣାତ୍ମକ ବିହନ ସଂଗ୍ରହ ତାଲିମ୍ ଶିବିର ଅନୁଷ୍ଠିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବଣ୍ଡଗୁଡ଼ା ଗ୍ରାମ ପଂଚାୟତ ବୈଠକ ଗୃହଠାରେ ବିହନ ପରିଚାଳନା ଶୀର୍ଷକ ଏକ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଓଡ଼ିଶା ସରକାର ଓ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣ୍ଡଗୁଡ଼ା, ସାରଙ୍ଗଡ଼, ଜିରିଡିକିଆ ଗ୍ରାମ ପଂଚାୟତର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗଦେଇ ନିଜର ଧାନ ବିହନକୁ କିପରି ସାଧାରଣ ଜ୍ଞାନ କୌଶଳ ମାଧ୍ୟମରେ ବିଶୋଧନ କରି ବ୍ୟବହାର କରିପାରିବ ସେ ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟଅତିଥି କ.ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା ଆଗ୍ରହର ସହ ବିଭିନ୍ନ ଜ୍ଞାନ କୌଶଳ ବ୍ୟବହାର କରି ଅଧିକ ଅମଳ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ସ୍ଥାନୀୟ ନାଏବ ସରପଂଚ ଜୀବେଶ୍ୱର ପ୍ରଧାନ ଓ ପୂର୍ବତନ ସରପଂଚ ଲାମ୍ବୁରା ପ୍ରଧାନ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ଆଶିଷ କୁମାର ମହାପାତ୍ର ବିହନ ସଂଗ୍ରହର ଉପାୟ ଓ ବିଶୋଧନର ସାଧାରଣ ପ୍ରକ୍ରିୟା ବିଷୟରେ ତାଲିମ୍ ଓ ପ୍ରଦର୍ଶନ ମାଧ୍ୟମରେ ଚାଷୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ସାରଙ୍ଗଡ଼ ଓ ବଣ୍ଡଗୁଡ଼ା ପଂଚାୟତର ଟ୍ରାଏକଟ ଓ କ୍ଲଷ୍ଟର ଡେମୋନଷ୍ଟ୍ରେସନର କ୍ଷେତ୍ର ପରିଦର୍ଶନ କରାଯିବା ସହ ବିହନ ବିଶୋଧନର ପ୍ରକ୍ରିୟା ପ୍ରଦର୍ଶନ କରାଯାଇ ତାଲିମ୍ ପ୍ରଦାନ କରାଯାଇଥିଲା । ସ୍ୱାତୀର କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମ୍ପାଦକ ଇଂ. ହରିଶଙ୍କର ରାଉତ ଚାଷୀମାନଙ୍କୁ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ ଯୁବପିଢ଼ିମାନଙ୍କୁ ଆଗକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାତୀର କର୍ମୀ ଦେବରାଜ ପ୍ରଧାନ ଓ ପ୍ରଭାତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ହିଂସାମୁକ୍ତ ସମୃଦ୍ଧ ଓଡ଼ିଶା ପାଇଁ ନିଶା ନିବାରଣ ଜରୁରୀ: ମଦମୁକ୍ତି ଅଭିଯାନ

ଭୁବନେଶ୍ୱର, (ପିଏନ) : ହିଂସା ସହିତ ନିଶା ଜଡ଼ିତ। ନିଶା ନିବାରିତ ନ ହେଲେ ହିଂସା କମିବ ନାହିଁ। ଏ ପରିପ୍ରେକ୍ଷୀରେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ଓଡ଼ିଶା ମଦମୁକ୍ତି ଅଭିଯାନ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦାବି କରିଛି। ଓଡ଼ିଶା ମଦମୁକ୍ତି ଅଭିଯାନର ଆବାହିକା ପ୍ରମିଳା ସ୍ୱାଇଁ ଓ ଉପଦେଷ୍ଟା ପ୍ରହଲାଦ କୁମାର ସିଂହ ଏ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀ ଓ କସ୍ତୁରବାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବା ଅବସରରେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦିଆଗଲେ ତାହା ଉକ୍ତ ପ୍ରତିପାଳନର ସର୍ବୋତ୍କୃଷ୍ଟ ସ୍ମାରକୀ ହୋଇ ରହିବ ବୋଲି ସେମାନେ କହିଛନ୍ତି। ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ପ୍ରଥମେ ନିଜ ରାଜ୍ୟରେ ପ୍ରଚଳନ କରି ଦେଶ ନିକଟରେ ଆଦର୍ଶ ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଦେଇ ହିଂସା ଓ ନିଶାମୁକ୍ତ ଓଡ଼ିଶା ଗଠନରେ ରାଜ୍ୟ ପ୍ରଶାସନ ବ୍ରତି ହୋଇ ଅନ୍ତତଃପକ୍ଷେ ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବା ଉଚିତ୍ ହେବ ବୋଲି ସେମାନେ କହିଛନ୍ତି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ନାରୀ ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ନିଶାଗ୍ରସ୍ତ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଏଥିରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁନାହିଁ। ନାରୀ ଓ ଶିଶୁ ନିର୍ଯାତନା ବିଶେଷ କରି ବଢ଼ି ଚାଲିଥିବା ନିନ୍ଦନୀୟ ଦୁଷ୍କର୍ମ ଘଟଣା ପଛରେ ନିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଶା ଯୋଗୁ ସଡ଼କ ଦୁର୍ଘଟଣା, ରୋଗବ୍ୟାଧି ଆଦି ମଧ୍ୟ ବଢ଼ୁଛି। ରାଜ୍ୟ ସରକାର ଗତ ୨୫ ବର୍ଷ ମଧ୍ୟରେ ବାର୍ଷିକ ଅବକାରୀ ରାଜସ୍ୱ ୭୦ କୋଟି ଟଙ୍କାରୁ ୩୯୩୨ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇଲେଣି। ତେବେ ଏଥିଯୋଗୁ ବ୍ୟକ୍ତି, ସମାଜ, ପରିବାର ଓ ରାଜ୍ୟର ବାର୍ଷିକ କ୍ଷତିର ପରିମାଣ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହେଉଛି। ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ପଛରେ ବି ନିଶା ରହିଛି। ଏ ପରିପ୍ରେକ୍ଷୀରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଶା ନିବାରଣ ଏକାନ୍ତ ଜରୁରୀ। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଧାନସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ନିଶା ନିବାରଣ ଆଇନକୁ ସଂଶୋଧନ ସହ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସେମାନେ ଦାବି କରିଛନ୍ତି।

ନିଶା ନିବାରଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ଘୋଷଣା କରିବା ପାଇଁ ମଧ୍ୟ ଓଡ଼ିଶା ମଦମୁକ୍ତି ଅଭିଯାନ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ୨୦୧୩ ଏପ୍ରିଲ୍ ମାସରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ରାଜ୍ୟ ଯୁବ ନୀତିରେ ନିଶା କିଭଳି ଯୁବ ସମାଜକୁ ବିପଦଗାମୀ କରୁଛି ସେଥିପ୍ରତି ଉଦ୍‌ବେଗ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି ଓଡ଼ିଶା ସରକାର ଘୋଷଣା କରିଥିଲେ। ତେବେ ୬ ବର୍ଷ ମଧ୍ୟରେ ସରକାର ଗୋଟିଏ ହେଲେ ଗାଁକୁ ନିଶାମୁକ୍ତ କରିପାରିନଥିବା ବେଳେ ନିଶା ପ୍ରସାରଣ କରି ଅଧିକରୁ ଅଧିକ ସଂଖ୍ୟକ ଯୁବକ ଓ ପରିବାରଙ୍କ ବରବାଦର କାରଣ ହୋଇଛନ୍ତି ବୋଲି ମଦମୁକ୍ତି ଅଭିଯାନ ଦର୍ଶାଇବା ସଙ୍ଗେ ସଙ୍ଗେ ଏ ପ୍ରସଙ୍ଗରେ ରାଜ୍ୟ ସରକାର ବିଶେଷ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ଯୁବନୀତିରେ କରିଥିବା ଘୋଷଣାର ପ୍ରତିପାଳନ କରିବାକୁ ଶ୍ରୀ ସିଂହ ନିବେଦନ କରିଛନ୍ତି।

# ନୂତନ ମୋଟର ଯାନ ଆଇନ୍ ପ୍ରତ୍ୟାହାର ଦାବିରେ ପରିବହନ ଶ୍ରମିକ ଓ ସିଟୁର ବିକ୍ଷୋଭ

ଭଦ୍ରକ,(ପିଏନ)- ସମଗ୍ର ଦେଶର ଜନସାଧାରଣଙ୍କ ଜୀବନ ଜୀବିକା ଉପରେ ଚଡକ ପକାଇ କର୍ପୋରେଟ୍ କଂପାନୀକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପରିବହନ କ୍ଷେତ୍ରରେ ଥିବା ଭିତିଭୂମି ତୃଟିକୁ ନସୁଧାରି ଯେଭଳି ନୂତନ ମୋଟର ଯାନ ଆଇନ୍ ପ୍ରଣୟନ କରିଛନ୍ତି, ତାହା ବିରୁଦ୍ଧରେ ଆଜି ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବହନ ଶ୍ରମିକ ଓ ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭଦ୍ରକ ଜିଲାର ପରିବହନ ଶ୍ରମିକମାନେ ଆଜି ସିଟୁର ବିଶିଷ୍ଟ ଶ୍ରମିକ ନେତା ଦିବ୍ୟସିଂ ନାୟକଙ୍କ ନେତୃତ୍ୱରେ ନିରଂଜନ ପାଣି, ରାଧା ଦାସ, ପ୍ରଭାସ ମହାପାତ୍ର, ମଳୟ ଭୋଇ, ବିଷ୍ଣୁ ଦାସ, ନରେନ୍ଦ୍ର ଦାସ, ବାବୁ ଖାଁ, ରବିନ୍ଦ୍ର ଜେନା, ବିପିନ ପାତ୍ର, ବାବୁଲି ସିଂ, ତାଲୁ ଖାଁ, କାଳନ୍ଦୀ ପାତ୍ର, ମଙ୍ଗୁ ମଲ୍ଲିକ, ସେକ୍ ଅବଦୁଲ ରହେମାନ, ପ୍ରତାପ ସେଠୀ, ବିଷ୍ଣୁ ଦାଶ, ସେକ୍ କମର, ମମତା ଜେନା, ସୀତା ଦାସ ପ୍ରମୁଖ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଏକ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ଉପରୋକ୍ତ ଶ୍ରମିକ ନେତାମାନେ ବକ୍ତବ୍ୟ ରଖି କେନ୍ଦ୍ର ସରକାର ରାସ୍ତାଘାଟ, ଟ୍ରାଫିକ୍ ସମସ୍ୟା ଓ ଆରଟିଓ ଅଫିସ୍‌ର ସୁଧାର ନକରି ଏକତରଫା ଭାବେ ଯେଭଳି ଗାଡି ମାଲିକ, ଚାଳକ, କଣ୍ଡକ୍ଟର, ହେଲପର, ମେକାନିକ୍ ଓ ଗ୍ୟାରେଜ୍ ଶ୍ରମିକଙ୍କ ଠାରୁ ଆରମ୍ଭ କରି ସାଧାରଣ ମଣିଷଙ୍କ ଉପରେ ଅହେତୁକ କର, ଖଜଣା ଓ ଅର୍ଥଦଣ୍ଡ ବୃଦ୍ଧି କଲେ ତାହାକୁ ତୀବ୍ର ସମାଲୋଚନା କରିଥିଲେ। ୨୦୧୯ ସେପ୍ଟେମ୍ବର ୧ ତାରିଖ ଠାରୁ କେନ୍ଦ୍ର ସରକାର ଆରମ୍ଭ କରିଥିବା ନୂତନ ମୋଟର ଯାନ ସଂଶୋଧନ ଆଇନ୍‌କୁ ଲୋକଙ୍କ ଉପରେ ଯେଭଳି ଭାବେ ଲଦି ଦେଲେ ତାର ପ୍ରତିବାଦରେ ୧୮ଟି ରାଜ୍ୟ ସରକାର ତାହା ଲାଗୁ କରିନଥିବାବେଳେ ଓଡ଼ିଶା ସରକାର ଜିଜିଆ କର ଭଳି ଲୋକଙ୍କ ଉପରେ ଲଦିଦେବା ବୋଝ ଉପରେ ନଳିତା ବିଡା ସଦୃଶ ବୋଲି ବକ୍ତାମାନେ କହିଥିଲେ। ଏହାର ପ୍ରତିବାଦରେ ଭୁବନେଶ୍ୱରର ପ୍ରତିବାଦ ସଭା ପରେ ଆଜି ଜିଲାର ପରିବହନ ଶ୍ରମିକ ଓ ସିଟୁ ପକ୍ଷରୁ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଦୁଇଟି ଦାବିପତ୍ର ମାନ୍ୟବର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଉକ୍ତ ଜନବିରୋଧୀ ମୋଟର ଯାନ ସଂଶୋଧନ ଆଇନ୍ ୨୦୧୯ ପ୍ରତ୍ୟାହାର ଦାବିରେ ପ୍ରଦାନ କରାଯାଇଥିଲା।

# ନାଲ୍‌କୋରେ ହିନ୍ଦୀ ପକ୍ଷ ପାଳିତ



ଭୁବନେଶ୍ୱର, (ପିଏନ) : ନବରତ୍ନ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍‌ର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଓ ୟୁନିଟ୍‌ଗୁଡ଼ିକରେ ସେପ୍ଟେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ ପାଳିତ ହୋଇଥିଲା। କର୍ମଚାରୀମାନଙ୍କ ମଧ୍ୟରେ ଦୈନନ୍ଦିକ କାର୍ଯ୍ୟରେ ହିନ୍ଦୀ ଭାଷାର ଉପଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ଏହି ଅବସରରେ, ହିନ୍ଦୀ ପ୍ରବନ୍ଧ ଲିଖନ, ବକ୍ତୃତା, ନୋଟିଂ ଓ ପ୍ରଶ୍ନୋତ୍ତରୀ ଆଦି ପ୍ରତିଯୋଗୀତା ପୃଥକ୍ ଭାବେ ଉଭୟ ହିନ୍ଦୀଭାଷୀ ଓ ଅଣହିନ୍ଦୀଭାଷୀ କର୍ମଚାରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ଏଥି ସହିତ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଉପରେ ପୋଷ୍ଟର୍ ଓ ଗଳ୍ପଲିଖନ ଆଦି ପ୍ରତିଯୋଗୀତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା।

ହିନ୍ଦୀପକ୍ଷର ଉଦ୍‌ଯାପନ ସମାରୋହରେ ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗୀତାର ବିଜେତାମାନଙ୍କୁ ପୁରସ୍କୃତ କରିବା ସହ ସ୍ୱର୍ଗତ ଶଙ୍କର ଦୟାଲ ସିଂ ସ୍ମୃତି ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ, କେନ୍ଦ୍ର ସାଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ହିନ୍ଦୀଦିବସ ବାର୍ତ୍ତା ମଧ୍ୟ ପାଠ କରାଯାଇଥିଲା।

ନିଜର ଅଭିଭାଷଣରେ ଡଃ ଚାନ୍ଦ କହିଲେ ଯେ ନାଲ୍‌କୋ ଦ୍ୱାରା ଉତ୍ପାଦିତ ଆଲୁମିନିୟମ୍ ଇନ୍‌ଗଟ୍‌ରେ କମ୍ପାନୀର ନାମ ଉଭୟ ହିନ୍ଦୀ ଓ ଇଂରାଜୀରେ ଖୋଦିତ ହେଉଛି ଯାହା କି ୨୬ଟି ଦେଶକୁ ରପ୍ତାନୀ କରାଯାଉଛି। ଏହା ଦ୍ୱାରା ବିଶ୍ୱସ୍ତରୀୟ ଆଲୁମିନିୟମ୍ ଉତ୍ପାଦ ସହ ସମଗ୍ର ବିଶ୍ୱରେ ହିନ୍ଦୀ ଭାଷାର ପ୍ରସାର ଦିଗରେ ମଧ୍ୟ ନାଲ୍‌କୋ ଭୂମିକା ଗ୍ରହଣ କରୁଛି। ପ୍ରଶିକ୍ଷଣ, ପ୍ରୋତ୍ସାହନ, ପ୍ରତିଯୋଗୀତା ଓ ପୁରସ୍କାର ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ଆଗେଇ ନେବା ପାଇଁ ନାଲ୍‌କୋ ପକ୍ଷରୁ ନିରନ୍ତର ଉଦ୍ୟମ କରାଯାଉଛି ବୋଲି ଡଃ ଚାନ୍ଦ ଉଲ୍ଲେଖ କରିବା ସହ ସରଳ ହିନ୍ଦୀର ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ ଯଦ୍ୱାରା କି ସାଧାରଣ କର୍ମଚାରୀମାନେ ସହଜରେ ହିନ୍ଦୀରେ କାମ କରିପାରିବେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଦେଶକ (ମାନବସମ୍ବଳ) ଶ୍ରୀ ବି.କେ. ଠାକୁର ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ହିନ୍ଦୀ ପକ୍ଷ ଅବସରରେ ନାଲ୍‌କୋର ୟୁନିଟ୍‌ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଦାମନଯୋଡ଼ିଠାରେ ଏକ ହିନ୍ଦୀ ହାସ୍ୟ କବି ସମ୍ମେଳନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଦୁର୍ଗାପୂଜା ନିମନ୍ତେ ଶାନ୍ତି ସମନ୍ୱୟ ଓ ପୂଜା କମିଟି ସହ ପ୍ରଶାସନର ପ୍ରସ୍ତୁତି ବୈଠକ

ଭଦ୍ରକ,(ପିଏନ)- ଆସନ୍ତା ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନର ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ଶାନ୍ତି ସମନ୍ୱୟ କମିଟିର ସଦସଙ୍କ ନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜ୍ଞାନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି କୈଳାସ ପରିଡା, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ସିଡିଏମ୍‌ଓ ଡାକ୍ତର ପ୍ରଦୀପ ଖୁଂଟିଆ, ପୌରନିର୍ବାହୀ ଅଧିକାରୀ ମନୋରମା ଭୁୟାଁ, ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି ମଂଚାସିନ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ପୂଜା ମଣ୍ଡପରେ ପ୍ଲାଷ୍ଟିକ ବ୍ୟବହାର ଓ ଅପେରା ପ୍ରଦର୍ଶନକୁ ନିଷିଦ୍ଧ କରାଯାଇଥିବା ବେଳେ କମିଟିମାନେ ସେମାନଙ୍କ ତୋରଣ ରାସ୍ତା ଅତିକ୍ରମ କରାଇବେ ନାହିଁ। ଏହା ବ୍ୟତୀତ କମିଟି ପକ୍ଷରୁ ସମସ୍ତ ପୂଜା ମଣ୍ଡପରେ କ୍ଲୋଜ ସର୍କିଟ କ୍ୟାମେରା ଲଗାଯିବା ସହିତ ଅଗ୍ନି ନିର୍ବାପକ ବ୍ୟବସ୍ଥା କରଯିବାକୁ ବାଧ୍ୟତା ମୂଳକ କରାଯାଇଛି। ମଣ୍ଡପକୁ ଭକ୍ତମାନଙ୍କ ଯିବା ଆସିବା ପାଇଁ ପ୍ରବେଶ ଓ ପ୍ରସ୍ଥାନର ଅଲଗା ଦ୍ୱାର କରାଯିବା, ଡାକବାଜି ଯନ୍ତ୍ର ଧୀର ଶବ୍ଦରେ ବଜାଇବେ। ସମସ୍ତ କମିଟିମାନେ ପୂଜା ପୂର୍ବରୁ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତିପତ୍ର ହାସଲ କରିବା ବାଧ୍ୟତା ମୂଳକ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍‌ସକୁ ସଜାଗ ରଖିବାକୁ ସିଡିଏମ୍‌ଓଙ୍କୁ କୁହାଯାଇଥିଲା। ପୂଜା କମିଟିମାନେ ମଣ୍ଡପ ନିକଟକୁ ଆମ୍ବୁଲାନ୍‌ସ ଓ ଦମକଳ ଯିବା ଭଳି ରାସ୍ତା ରଖିବେ। ପୂଜା ପରେ ମୂର୍ତିମାନଙ୍କୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବେ। ଏହି ସମୟରେ ଯେପରି କେହି ସୋସିଆଲ ମିଡ଼ିଆରେ ଆପତିଜନକ ମନ୍ତବ୍ୟ ଦେଇ ପୋଷ୍ଟିଂ ନ କରନ୍ତି, ସେଥିପ୍ରତି କମିଟିର କର୍ମକର୍ତାମାନେ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ଏସପି ସୂଚନା ଦେଇଥିଲେ। ବୈଠକରେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକମାନେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଅଧିକାରମାନେ ଯୋଗ ଦେଇଥିଲେ।

## ଧାମରାରେ ଓଏସଏସଏଫଙ୍କ ଦ୍ୱାରା ଜଳପଥରେ ପିଡିଏସ କିରୋସିନ ଜବତ

ଭଦ୍ରକ,(ପିଏନ)- ସମୁଦ୍ର ତଟ ସୁରକ୍ଷା ୨ୟ ଦିନରେ ଧାମରା ଓଡିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ମାନଙ୍କୁ ପୁନଶ୍ଚ ଏକ ସଫଳତା ମିଳିଛି। ଜଳପଥରେ ଚୋରା ଚାଲାଣ ହେଉଥିବା ପିଡିଏସ କିରୋସିନକୁ ଏମାନେ ଧରିବାରେ ସଫଳ ହୋଇଛନ୍ତି। ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରୁ ଏକ ବୋଟରେ ପିଡିଏସ କିରୋସିନ କେନ୍ଦ୍ରପଡା ଜିଲ୍ଲା ତାଳଚୁଆ କୁ ପଠା ଯାଉଥିବା ବେଳେ ଓଏସଏସଏଫର ଜଓାନ ମାନେ ଏହାକୁ ଧରି ଧାମରା ମେରାଇନ ଥାନାକୁ ଆଣିଛନ୍ତି। ଏହି ଚୋରା ଚାଲାଣ ବାବଦରେ କିଛି ବୋଟ ଷ୍ଟାଫ ମାନଙ୍କୁ ଅଣା ଯାଇ ଏହି ଚୋରା କିରୋସିନ ବେପାରରେ କିଏ କିଏ ସଂପୃକ୍ତ ସେ ବିଷୟରେ ସେ ବିଷୟରେ ପଚରା ଉଚୁରା ଚାଲିଛି। ଆଜିର ଏହି ଚୋରା ଚାଲାଣ ପିଡିଏସ କିରୋସିନକୁ ଓଏସଏସଏଫର ଏସ ଆଇ ବିଜୟ ରଣା, ମାନସ ପରିଡା, ସଞ୍ଜିବ ମଲିକ, ମାନସ ମଲିକ, ପ୍ରଶାନ୍ତ ବିଶ୍ୱାଳଙ୍କ ସହ ଧାମରା ମେରାଇନ ଥାନାର ରବିନ୍ଦ୍ର କୁମାର ଖୁଂଟିଆ ପ୍ରମୁଖ ଜବତ କରିଥିବା ଜଣାଯାଇଛି। ଜବତ ହୋଇଥିବା ପିଡିଏସ କିରୋସିନକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତରିତ କରାଯିବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କ ନିକଟରୁ ପ୍ରକାଶ। ଆଗାମୀ ଦିନରେ ଜଳପଥରେ ଚୋରା ଚାଲାଣ ହେଉଥିବା କିରୋସିନକୁ କିଏ ରୋକ ଲଗାଇବ ଏଥିପାଇଁ ଯୋଗାଣ ବିଭାଗ ଅଥବା ସଂପୃକ୍ତ ଡିଲର ଦାୟୀ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ହୋଇ ପଡିଛି।

### ଖଣ୍ଡିଆ ହୋଇ ପଡ଼ିରହିଛି ବିଟିପୁର ପଂଚାୟତ ଗୃହ କାର୍ଯ୍ୟ

# ଗାନ୍ଧି ଜୟନ୍ତୀରେ ଗଣଧାରଣା ଦେବେ ପଂଚାୟତ ପ୍ରତିନିଧି

ଭଦ୍ରକ, (ପିଏନ)- ଅବଧିର ଦୀର୍ଘଦିନ ପରେ ମଧ୍ୟ ବନ୍ତ ବ୍ଲକ ନୂତନ ବିଟିପୁର ପଂଚାୟତ ନିର୍ମାଣ ଗୃହ ଖଣ୍ଡିଆ ହୋଇ ପଡ଼ି ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୨ ତାରିଖ ପବିତ୍ର ଗାନ୍ଧି ଜୟନ୍ତୀରେ ପଂଚାୟତ ନିର୍ବାଚିତ ଜନପ୍ରତିନିଧିମାନେ ପୁର୍ନବାର ଗ୍ରାମସଭା ବର୍ଜନ କରିବା ସହିତ ଧାରଣାରେ ବସିବେ ବୋଲି ଜଣାପଡ଼ିଛି। ଏନେଇ ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ପଂଚାୟତରାଜ ମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ପଂଚାୟତରାଜ ମନ୍ତ୍ରୀ, ଭଦ୍ରକ ଜିଲ୍ଲାପାଳ, ବନ୍ତ ବିଡ଼ିଓ ପ୍ରମୁଖଙ୍କୁ ବି.ଟି.ପୁର ସରପଂଚ ସତ୍ୟବାନ ଦାସ ଓ ୱାର୍ଡ଼ସଭ୍ୟ ସଭ୍ୟା ସୌଦାମିନୀ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ଜେନା, ଭାରତୀ ଜେନା, ଝରଣା ବାରିକ, କବିତା ଦାସ, ଦେବଯାନୀ ଦେହୁରୀ, ସରସ୍ୱତୀ ଦାସ ପ୍ରମୁଖ ଜଣାଇଛନ୍ତି। ସୂଚନା ମୁତାବେ ପଂଚାୟତରାଜ ବିଭାଗର ବିଜ୍ଞପ୍ତି ନଂ ୧୧୫୬୦ ତା ୫-୭-୧୬ ରେ ପୁରୁଷଣ୍ଡକୁ ଭଙ୍ଗାଯାଇ ନୂତନ ବିଟିପୁର ପଂଚାୟତ ଗଠନ କରାଯାଇଛି। ମାତ୍ର ଏହି ପଂଚାୟତର ଭିତିଭୂମିର ବିକାଶ ଏଯାବତ ହୋଇପାରି ନାହିଁ। ଫଳରେ ପଂଚାୟତବାସୀ ଏବେ ଅସୁବିଧା ଭୋଗ କରିଆସୁଛନ୍ତି। ଉକ୍ତ ପଂଚାୟତର ଭିତିଭୂମି ର ଉନ୍ନତି ନିମନ୍ତେ ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାରେ ୧୮ ଲକ୍ଷ ୭୦ ହଜାର ଏବଂ ୪ର୍ଥ ଅର୍ଥ କମିଶନ ପକ୍ଷରୁ ୧୫ ଲକ୍ଷ ମୋଟ ୩୩ ଲକ୍ଷ ୭୦ ହଜାର ଟଙ୍କା ଗୃହ ନିର୍ମାଣ ନିମନ୍ତେ ଅନୁଦାନ ମିଳି ସାରିଛି। ତା ୬-୧-୧୮ରିଖରେ ଗୃହ ନିର୍ମାଣ ନିମନ୍ତେ ଦେବେନ୍ଦ୍ର ନାୟକଙ୍କ ନାମରେ କାର୍ଯ୍ୟାଦେଶ ମିଳିଥିବା ବେଳେ ତା ୨୦-୪-୧୮ ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣର ୯୦ ଦିନ ମଧ୍ୟରେ ଗୃହ ସଂମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ଅଦ୍ୟାବଧି ପଂଚାୟତ ଗୃହଟି ଅଧପନ୍ତରିଆ ହୋଇ ପଡ଼ି ରହିଛି। ଅସମ୍ପୂର୍ଣ୍ଣ ଗୃହଟି ଏକ ଭଗ୍ନସ୍ତୁପର ଭ୍ରମ ସୃଷ୍ଟି କରିବା ସହିତ ଜୀବଜନ୍ତୁଙ୍କ ଆଶୟସ୍ଥଳୀ ପାଲଟିଛି। ଅପରପକ୍ଷେ ବିଟିପୁର ପଂଚାୟତ କାର୍ଯ୍ୟ ଏବେ ପୁରୁଷଣ୍ଡ ପଂଚାୟତର ଏକ ଛୋଟିଆ କୋଠରୀରେ ଚାଲୁଅଛି। ସରପଂଚ, କାର୍ଯ୍ୟନିର୍ବାହୀ ଅଧିକାରୀ, କାଗଜପତ୍ର ଆଲମାରୀ ସମେତ ୧୨ ଜଣ ୱାର୍ଡ଼ସଭ୍ୟ ଏକକାଳୀନ ଉକ୍ତ ଗୃହରେ ବସିବା ସମ୍ଭବପର ହେଉନାହିଁ। ବାରମ୍ବାର ସରପଂଚଙ୍କ ଚିଠି ସତ୍ତ୍ୱେ ଗତ ୧୫ ଅଗଷ୍ଟ ଗ୍ରାମସଭାକୁ ୱାର୍ଡ଼ ସଭ୍ୟ/ ସଭ୍ୟାମାନେ ବର୍ଜନ କରିଥିଲେ। ତେବେ ପଂଚାୟତର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ସଂପୃକ୍ତ ସରପଞ୍ଚ ଓ ୱାର୍ଡ଼ସଭ୍ୟସଭ୍ୟା ବିଭିନ୍ନ ସମୟରେ ଉଚ୍ଚକର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ବି ଏଯାବତ କୌଣସି ସମାଧାନ ହୋଇପାରି ନାହିଁ। ଅନ୍ୟପକ୍ଷରେ ପଂଚାୟତ ପତ୍ର ସଂଖ୍ୟ ୨୪୭ ତା ୯-୮-୧୯ ମୁଳେ ସରପଂଚ ଅତିଶିଘ୍ର ପଂଚାୟତ ଗୃହଟି ସଂମ୍ପୂର୍ଣ୍ଣ କରାଯାଇ ଦାୟିତ୍ୱ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି କିଛି କାର୍ଯ୍ୟର ଅଗ୍ରଗତି ନହେବାରୁ ପୁନଃ ଗ୍ରାମସଭା ବର୍ଜନ ସହିତ ଧାରଣା ନିଷ୍ପତି ନିଆଯାଇଛି। ପ୍ରକାଶଯୋଗ୍ୟ ଯେ ବିରୋଧୀ ଦଳର ସରପଂଚ ଏଠାରେ କାର୍ଯ୍ୟରତ ଥିବାରୁ ଜାଣିଶୁଣି ଗୃହକାର୍ଯ୍ୟକୁ ବିଳମ୍ବ କରାଯାଉଥିବାର ଲୋକେ କୁହାକୁହି ହେଉଛନ୍ତି। ଉପରୋକ୍ତ ଘଟଣା ନେଇ ବନ୍ତ ବିଡ଼ିଓ ରେବକା ବିଲଙ୍ଗଙ୍କୁ ଯୋଗଯୋଗ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକୁ ସଂମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହିତ ଖୁବଶିଘ୍ର କାର୍ଯ୍ୟଶେଷ କରାଯିବ ବୋଲି କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ମାମଲା : ୪ ଗିରଫ

ବଲାଙ୍ଗିର, (ପିଏନ) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଲଋମ୍ବା ଥାନା ଅନ୍ତର୍ଗତ ଚିଟକାମାଲ୍ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ନାରାୟଣ ବରିହା, ସ୍ୱରୂପ ଘିଭେଲା, ଗୌରାଙ୍ଗ ପୋଡ଼ ଓ କୃଷନ ବରିହା । ଗିରଫ ଅଭିଯୁକ୍ତ ମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ତେବେ ଫେରାର୍ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଗତ ମାସ ୨୧ ତାରିଖରେ ଚିଟକାମାଲ ଗ୍ରାମର ନାରାୟଣ ବରିହାଙ୍କ ଦେଢ଼ ବର୍ଷିୟ ଶିଶୁ ପୁତ୍ର ଲକିକୁ ଜ୍ୱର ହୋଇଥିଲା । ତାକୁ ପାଟଣାଗଡ଼ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ମୃତଦେହକୁ ଆଣି ନିଜ ବାଡିରେ ପୋତି ଦେଇଥିଲେ । ପରବର୍ତୀ ସମୟରେ ଶବ ପୋତାଯାଇଥିବା ସ୍ଥାନରେ କେହି ଫୁଲ, ସିନ୍ଦୁର ରଖି ଦୀପ ଜାଳି ଥିବା ଦେଖିବାକୁ ମିଳିଥିଲା । ଘଟଣା ପ୍ରଘଟ ହେବା ପରେ ଏଠାରେ କେହି ପୂଜାପାଠ କରିଥିବା ଅନୁମାନ କରି ଗାଁରେ ବୈଠକ ବସିଥିଲା । ନିଜ ସମ୍ପର୍କୀୟ ଚିନ୍ତାମଣି ଓ ରୁକ୍ମଣୀ ବରିହା ଗୁଣି ଗାରେଡ଼ି କରୁଥିବା ନାରାୟଣ କହିଥିଲେ । ପରେ ଏନେଇ ସେ ଲଋମ୍ବା ଥାନାରେ ଅଭିଯୋଗ କରିଥିଲେ । ଏହାର ପ୍ରତିବାଦ କରିଥିଲେ ଚିନ୍ତାମଣିଙ୍କ ପତ୍ନୀ ରୁକ୍ମଣୀ । ଏପରିକି ତାକୁ ଡ଼ାହାଣି କହି ଗାଁ ଲୋକେ ନିର୍ଯାତନା ଦେଉଥିବା ରୁକ୍ମଣୀ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଚାପା ଉତେଜନା ଲାଗି ରହିଥିଲା । ପୋଲିସ ମାମଲାର ସମାଧାନ କରିବା ପରିବର୍ତେ ନିରବଦ୍ରଷ୍ଟା ସାଜିଥିଲା । ଯାହାକୁ ନେଇ ଗତକାଲି ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ଦିନ ଦ୍ୱି ପ୍ରହରରେ ଦମ୍ପତି (ଚିନ୍ତାମଣି ଓ ରୁକ୍ମଣୀ)ଙ୍କୁ ପିଟି ପିଟି ହତ୍ୟା କରି ଏକ ଅଖାରେ ପୁରାଇ ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ମାମଲାରେ ଅଭିଯୁକ୍ତ ମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିପାରି ପୋଲିସ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା । ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ସାଳନ୍ଦୀ ନଦୀରେ ବୁଡି ରାଜେଶର ମୃତ୍ୟୁ

ଭଦ୍ରକ,(ପିଏନ)- ଭଦ୍ରକ ପୁରୁଣାବଜାର ଥାନା ଅଧୀନସ୍ଥ ଚନ୍ଦନବଜାରର ଶଙ୍କରପୁର ନିବାସୀ ଗୋବିନ୍ଦ ରାଉତଙ୍କ ପୁତ୍ର ରାଜେଶର ସାଳନ୍ଦୀ ନଦୀରେ ବୁଡି ମୃତ୍ୟୁ ଘଟିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗତକାଲି ସକାଳେ ରାଜମିସ୍ତ୍ରୀ କାର୍ଯ୍ୟ କରୁଥିବା ରାଜେଶ ଏକ ମାଛଧରା ଜାଲ ଓ ବଇଁଶୀ ଛଡ ନେଇ ସାଳନ୍ଦୀ ନଦୀର ସନ୍ଥିଆ ଘାଟ ନିକଟକୁ ଆସିଥିଲା। ଲୋକଙ୍କ କହିବା ଅନୁସାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେ ମାଛ ଧରୁଥିବାବେଳେ ରାତିରେ ଘରକୁ ଫେରିନଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବାରୁ ପୁରୁଣାବଜାର ଥାନାରେ ଏତଲା ଦେଇଥିଲେ। ତେବେ ଆଜି ସକାଳୁ ଗୋବିନ୍ଦଙ୍କ ଭଣଜା ଗୋବରା ସାହୁ ରାଜେଶକୁ ଖୋଜିବା ମଧ୍ୟରେ ସନ୍ଥିଆ ଘାଟ ଉପରେ ତାର ପିନ୍ଧାବସ୍ତ୍ର ଓ ଜୋତା ରହିଥିବାବେଳେ ମୃତଦେହ ଜାଲ ସହ ନଦୀରେ ଭାସୁଥିବାର ଦେଖିଥିଲା। ପରେ ପୁଲିସ୍‌କୁ ଖବର ଦେବାରୁ ମୃତଦେହକୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାରେ ପୁରୁଣାବଜାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତାର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାଲିଗୁଡ଼ା ବ୍ଲକରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ, ତଦନ୍ତ ଦାବୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକରେ ଦୁର୍ନିତୀ ଥମିବାର ନାଁ ନେଉନି। ଏହି ବ୍ଲକରେ ପରିବାର ମଙ୍ଗଳ ଯୋଜନାରେ ପୂର୍ବରୁ ବିଡିଓ, ବରିଷ୍ଠ କିରାଣୀ, ବ୍ଲକ ସମାଜ କଲ୍ୟାଣ ଅଧିକାରୀଙ୍କ ସମେତ ଅନ୍ୟମାନେ ଜାଲିଆତି କରି ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ କରିଥିବା ଅଡିଟ୍ ରିପୋର୍ଟରୁ ଜଣାପଡିବା ପରେ ଏନେଇ ଭିଜିଲାନ୍ସ ତଦନ୍ତ କରିବାସହ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ସେହିପରି ଯନ୍ତ୍ରୀମାନେ ମଧ୍ୟ ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଥିବା ନଜିର ରହିଛି। ତଥାପି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମାନଙ୍କ ଚେତା ପଶିବାକୁ ନାହିଁ। ପିସି ନଦେଲେ ବିଲ କରୁନାହାଁନ୍ତି। ଖୋଲାଖୋଲି ପିସି ଦାବୀ କରି ନେଉଛନ୍ତି। ଫଳରେ ଏହି ବ୍ଲକରେ କରାଯାଉଥିବା ରାସ୍ତା, କଲଭର୍ଟ, ଘର ସମସ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ। ଏହି ବ୍ଲକର କେତେକ ସ୍ଥାନରେ କାର୍ଯ୍ୟ ନହୋଇ ଡିସପ୍ଲେ ବୋର୍ଡ ମରାଯାଉଥିବା ବେଳେ ଆଉ କେଉଁଠି କାମ ସରିବାର ବର୍ଷାଧିକ କାମ ବିତିଯାଇଥିଲେ ମଧ୍ୟ ଡିସପ୍ଲେ ବୋର୍ଡ ଦିଶୁନି। ଦୁର୍ନିତୀ ସତେଯେପରି ବାଲିଗୁଡା ବ୍ଲକ ପିଛା ଛାଡୁନି। ବିଭିନ୍ନ ପଂଚାୟତର ସରପଂଚ ଓ ଲୋକପ୍ରତିନିଧି ମାନଙ୍କୁ ଭୂଆଁ ବୁଲାଇ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ମାନେ ନିଜେ ନିଜ ନାଁରେ କାମ ରଖି କୁଆଡେ କିଛି ନିର୍ଦ୍ଦିଷ୍ଟ ଖାସ୍ ଲୋକଙ୍କ ଦ୍ୱାରା ଠିକା କାମ କରାଇ ସେମାନଙ୍କ ଠାରୁ ମୋଟା ଅଙ୍କର ପିସି ଆଦାୟ କରୁଥିବା ଅଭିଯୋଗ ହେଉଛି। ବ୍ଲକରେ ୧୫ରୁ ୨୦ ପ୍ରତିଶତ ପିସି ଦାବୀ କରାଯାଉଥିବା ବେଳେ ପଂଚାୟତ କାମରେ ମଧ୍ୟ ୨୦ରୁ ୨୫ ପ୍ରତିଶତ ପିସି କଟାଯାଉଛି କୁଆଡେ। ଫଳରେ କାମର ମାନ ଯାହା ହେଉଥିବ ସହଜରେ ଜାଣିହେବ।

ଏପଟେ ମୁଖ୍ୟମନ୍ତ୍ରୀ ୫ଟି ଉପରେ ଗୁରୁତ୍ୱ ଦେଉଥିବା ବେଳେ ଶୁଣୁଛି କିଏ? ନିମ୍ନମାନର କାମ ଯୋଗୁଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶାରେ। ଏହାର ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ସୁଦ୍ରା ପଂଚାୟତର କଟଡି ଗ୍ରାମରେ। କଟଡି ସମେତ ସିକାଟି, ଅଡାବାଲି, କୁଦୁକୁଲ୍ପି, ବଲକଡାଗି ଗାଁର ୩ଶହରୁ ଉର୍ଦ୍ଧ୍ୱ ଲୋକ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି। ଲୋକମାନଙ୍କ ଦାବୀ ପରେ ଗାଁରେ ରାସ୍ତା ଓ ଗାର୍ଡୱାଲ ନିର୍ମାଣ କରାଯାଇଥିଲା ବ୍ଲକ ପକ୍ଷରୁ। ତେବେ, କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ତାହା ମାସ କେତୋଟିରେ ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ସରପଂଚଙ୍କୁ ଅନ୍ଧାରରେ ରଖି ତାଙ୍କୁ ନକହି ଲୁଚିଛପି ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟକରି ସିଂହଭାଗ ଅର୍ଥ ଚଳୁ କରିଦେବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଗ୍ରାମବାସୀଙ୍କ ସମେତ ଖୋଦ୍ ସରପଂଚ ମଧ୍ୟ ଅଭିଯୋଗ କରିଛନ୍ତି। ମେଟାଲ ଓ ଗୁଡି ବଦଳରେ ବଡ ବଡ ବୁଲଡର ବ୍ୟବହାର ସହ ବାଲି ଓ ସିମେଂଟ ଅନୁପାତ ମଧ୍ୟ ଠିକ୍ ନଥିବା, କମ୍ ସିମେଂଟରେ ଅଧିକା ବାଲି ମିଶାଇ ଉପରଠାଉରିଆ ଭାବେ କାମ କରାଯାଇଥିବା ଅଭିଯୋଗ ହେଉଛି। କେବଳ ଏହି ଗୋଟିଏ ରାସ୍ତା କି ଗାର୍ଡୱାଲ ଏହି ବ୍ଲକର ସବୁ ପଂଚାୟତରେ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମିଶି ହରିଲୁଟ ଚଳାଇଥିବା ଅଭିଯୋଗ ହେଉଛି। ସହକାରୀ ଯନ୍ତ୍ରୀ ଜଣକ ଜିଲ୍ଲାରେ ୨୦ ବର୍ଷରୁ ଉର୍ଦ୍ଧ୍ୱ ରହି ଦୁର୍ନିତୀ, ଅନିୟମିତତା ଚଳାଇଥିବା ଜଣାପଡିଛି। ବିଭିନ୍ନ ସମୟରେ ନେତା ଓ ମନ୍ତ୍ରୀଙ୍କର ବୋଲକରା ସାଜି ଏଠାରେ ନାନା କେଳେଙ୍କାରୀ ଚଳାଇଥିବା ଶୁଣିବାକୁ ମିଳୁଛି। ଏହି ବ୍ଲକରେ ଚାଲିଥିବା ଦୁର୍ନିତୀ, ଅନିୟମିତତା ସଂପର୍କରେ ଦୁର୍ନିତୀ ନିବାରଣ ବିଭାଗ ତଦନ୍ତ କରି ଦୋଷୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡମେମ୍ବର ଅନୀତା ମଲିକ, କୁଶ ମଲିକ, ଜୟରାମ ମଲିକ ଓ ସରପଂଚ ନରସିଂହ ମଲିକ ପ୍ରମୁଖ ଦାବୀ କରିଛନ୍ତି।






## ହିଂସାମୁକ୍ତ ସମୃଦ୍ଧ ଓଡ଼ିଶା ପାଇଁ ନିଶା ନିବାରଣ ଜରୁରୀ: ମଦମୁକ୍ତି ଅଭିଯାନ

ଭୁବନେଶ୍ୱର: ହିଂସା ସହିତ ନିଶା ଜଡ଼ିତ। ନିଶା ନିବାରିତ ନ ହେଲେ ହିଂସା କମିବ ନାହିଁ। ଏ ପରିପ୍ରେକ୍ଷୀରେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ଓଡ଼ିଶା ମଦମୁକ୍ତି ଅଭିଯାନ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦାବି କରିଛି। ଓଡ଼ିଶା ମଦମୁକ୍ତି ଅଭିଯାନର ଆବାହିକା ପ୍ରମିଳା ସ୍ୱାଇଁ ଓ ଉପଦେଷ୍ଟା ପ୍ରହଲାଦ କୁମାର ସିଂହ ଏ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀ ଓ କସ୍ତୁରବାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବା ଅବସରରେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦିଆଗଲେ ତାହା ଉକ୍ତ ପ୍ରତିପାଳନର ସର୍ବୋତ୍କୃଷ୍ଟ ସ୍ମାରକୀ ହୋଇ ରହିବ ବୋଲି ସେମାନେ କହିଛନ୍ତି। ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ପ୍ରଥମେ ନିଜ ରାଜ୍ୟରେ ପ୍ରଚଳନ କରି ଦେଶ ନିକଟରେ ଆଦର୍ଶ ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଦେଇ ହିଂସା ଓ ନିଶାମୁକ୍ତ ଓଡ଼ିଶା ଗଠନରେ ରାଜ୍ୟ ପ୍ରଶାସନ ବ୍ରତି ହୋଇ ଅନ୍ତତଃପକ୍ଷେ ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବା ଉଚିତ୍ ହେବ ବୋଲି ସେମାନେ କହିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ନାରୀ ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ନିଶାଗ୍ରସ୍ତ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଏଥିରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁନାହିଁ। ନାରୀ ଓ ଶିଶୁ ନିର୍ଯାତନା ବିଶେଷ କରି ବଢ଼ି ଚାଲିଥିବା ନିନ୍ଦନୀୟ ଦୁଷ୍କର୍ମ ଘଟଣା ପଛରେ ନିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଶା ଯୋଗୁ ସଡ଼କ ଦୁର୍ଘଟଣା, ରୋଗବ୍ୟାଧି ଆଦି ମଧ୍ୟ ବଢୁଛି। ରାଜ୍ୟ ସରକାର ଗତ ୨୫ ବର୍ଷ ମଧ୍ୟରେ ବାର୍ଷିକ ଅବକାରୀ ରାଜସ୍ୱ ୭୦ କୋଟି ଟଙ୍କାରୁ ୩୯୩୨ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇଲେଣି। ତେବେ ଏଥିଯୋଗୁ ବ୍ୟକ୍ତି, ସମାଜ, ପରିବାର ଓ ରାଜ୍ୟର ବାର୍ଷିକ କ୍ଷତିର ପରିମାଣ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହେଉଛି। ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ପଛରେ ବି ନିଶା ରହିଛି। ଏ ପରିପ୍ରେକ୍ଷୀରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଶା ନିବାରଣ ଏକାନ୍ତ ଜରୁରୀ। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଧାନସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ନିଶା ନିବାରଣ ଆଇନ୍‌କୁ ସଂଶୋଧନ ସହ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସେମାନେ ଦାବି କରିଛନ୍ତି। ନିଶା ନିବାରଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ଘୋଷଣା କରିବା ପାଇଁ ମଧ୍ୟ ଓଡ଼ିଶା ମଦମୁକ୍ତି ଅଭିଯାନ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ୨୦୧୩ ଏପ୍ରିଲ୍ ମାସରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ରାଜ୍ୟ ଯୁବ ନୀତିରେ ନିଶା କିଭଳି ଯୁବ ସମାଜକୁ ବିପଦଗାମୀ କରୁଛି ସେଥିଯେନି ଉଦ୍‌ବେଗ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି ଓଡ଼ିଶା ସରକାର ଘୋଷଣା କରିଥିଲେ।

## ସାମୁଏଲ୍ ଯୋଶେଫ୍ ଯେବରାଜ ଆଇଡିବିଆଇ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ

ଭୁବନେଶ୍ୱର:ସେପ୍ଟେମ୍ବର ୨୦, ୨୦୧୯ରେ ଆଇଡିବିଆଇ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀଯୁକ୍ତ ସାମୁଏଲ୍ ଯୋଶେଫ୍ ଯେବରାଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଡିବିଆଇ ବ୍ୟାଙ୍କରେ ଯୋଗ ଦେବା ପୂର୍ବରୁ ସେ ଏକ୍‌ଜିମ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ୨୭ରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି ଏବଂ ସେଥିରୁ ୨୧ ବର୍ଷ ସେ ଏକ୍‌ଜିମ୍ ବ୍ୟାଙ୍କରେ କାମ କରିଛନ୍ତି। ଶ୍ରୀଯୁକ୍ତ ସାମୁଏଲ୍ ଯୋସେଫ୍ ଯେବରାଜ ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେସନରେ ଇଞ୍ଜିନିୟରିଂ କରିଛନ୍ତି ଏବଂ ତିରୁଚିରାପଲ୍ଲିର ଭାରତହିଦାସନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ୍‌ରୁ ସେ ଫାଇନାନ୍ସ ବିଷୟରେ ଏମ୍‌ବିଏ ଡିଗ୍ରି ହାସଲ କରିଛନ୍ତି।ଏକ୍‌ଜିମ୍ ବ୍ୟାଙ୍କର ନିଜ କାର୍ଯ୍ୟକାଳ ସମୟରେ ଶ୍ରୀଯୁକ୍ତ ସାମୁଏଲ୍ ଯୋସେଫ୍ ଯେବରାଜ କର୍ପୋରେଟ ବ୍ୟାଙ୍କିଙ୍ଗ, ଏସଏମଇ, ଟ୍ରେଜେରି, ଆକାଉଂଟସ୍, ଅଡିଟ୍, ଟ୍ୟାକ୍ସେସନ୍, ସୂଚନା ପ୍ରଯୁକ୍ତି, ଋଣ ଅସୁଲି ଓ ମନବ ସମ୍ବଳ ପରିଚାଳନା ଭଳି ବିଭିନ୍ନ ବର୍ଗର ମୁଖ୍ୟ ଭାବେ କାମ କରିଛନ୍ତି।

## ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ




ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି। ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି। ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି। ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି। ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି। ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକ୍ସ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି। ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେରସ. ଓଏସ୍ ୮.୧ ଆଣ୍ଡ୍ରଏଡ୍ , ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇଞ୍ଜିନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇଞ୍ଜିନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ମାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନ ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ "ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେଞ୍ଜ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି।ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଲେ, " ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ଋଦ୍ଧିମନ୍ତ କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ଭି ସିରିଜ୍‌ରେ ଏକ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ଋଦ୍ଧିମନ୍ତ କରାଇବ। ଏଥିରେ ଥିବା ୩୨ ଏମ୍ ପି ଡୁଆଲ୍ ପପ୍ ଅପ୍ ସମ୍ମୁଖ କ୍ୟାମେରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଭିଭୋ ଭାରତରେ ଏହାର କାରବାର ୨୦୧୪ ମସିହାରେ ଆରମ୍ଭ କରିଥିଲା।

## ପାନାସୋନିକ ପକ୍ଷରୁ ଓଡ଼ିଶା ବଜାରରେ ଏହାର ନୂତନ ଉପଭୋକ୍ତା ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର: ଜ୍ଞାନକୌଶଳ ଏବଂ ଅଭିନବତା କ୍ଷେତ୍ରରେ ନିଜର ଅତୁଳନୀୟ ପ୍ରତିଶ୍ରୁତି ରକ୍ଷାକରି ଆସୁଥିବା ପାନାସୋନିକ, ଅଗ୍ରଣୀ ଜ୍ଞାନକୌଶଳରେ ସମୃଦ୍ଧ କମ୍ପାନୀ ଭାବେ ଆଜି ଏହାର ଉପଭୋକ୍ତା ଉତ୍ପାଦ ପୋର୍ଟଫୋଲିଓର ଶୁଭାରମ୍ଭ କରିଛି । ଏହାର ରେଫ୍ରିଜେରେଟର, ୱାସିଙ୍ଗମେସିନ, ମାଇକ୍ରୋୱେଭ, ଏୟାର କଣ୍ଡିସନର, ଅଡିଓ ସେଟ ଏବଂ ଟେଲିଭିଜନ ଭଳି ନୂଆ ଉତ୍ପାଦ ଗୁଡ଼ିକ ମାଧ୍ୟମରେ ଉନ୍ନତ ସୁବିଧା ଏବଂ ଶକ୍ତି ସଂରକ୍ଷଣ ନିମର୍ତେ ଜୀବନଶୈଳୀରେ ପରିବର୍ତ୍ତନ ନିମନ୍ତେ ପ୍ରୟାସ କରିଛି । ଏହି ନୂଆ ସଂସ୍କରଣ ଗୁଡ଼ିକ ସହ ପାନାସୋନିକ ଆର୍ଥିକ ବର୍ଷ ୧୯-୨୦ରେ ଉପଭୋକ୍ତା ଉପକରଣ ବିଭାଗରେ ୨୦% ବିକାଶର ଲକ୍ଷ୍ୟ ରଖିଛି । ଏହି ନୂଆ ଉତ୍ପାଦ ଗୁଡ଼ିକ ସମ୍ପର୍କରେ ପାନାସୋନିକ ଇଣ୍ଡିଆର ବିଭାଗୀୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଗୁରୁ ଟାକାମାଟ୍‌ସୁ କହିଛନ୍ତି, 'ପାନାସୋନିକ ସର୍ବଦା ଗ୍ରାହକ ମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ପାଦ ପ୍ରସ୍ତୁତ ତଥା ନୂତନ ଜ୍ଞାନକୌଶଳରେ ବ୍ୟବସ୍ଥିତ ଶ୍ରେଷ୍ଠ ଉତ୍ପାଦ, ଏହାର ଗ୍ରାହକ ମାନଙ୍କୁ ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଆମର ଏହି ସଂସ୍କରଣ ଗୁଡ଼ିକ ଜରିଆରେ ଆମେ ଚାହୁଁଛୁ ଯେ ଆମ ଉତ୍ପାଦ ଗୁଡ଼ିକ ଯେପରି ଏକ ଶ୍ରେଷ୍ଠ ଜୀବନ ଏବଂ ଏକ ଶ୍ରେଷ୍ଠ ବିଶ୍ୱ ସୃଷ୍ଟି କରିବାରେ ସମର୍ଥ ହୋଇ ପାରିବ ।' ଗ୍ରାହକ ମାନଙ୍କର ଆରାମ ଏବଂ ଆବଶ୍ୟକତା ଯଥାର୍ଥତା ପାଇଁ ଏଚସିଏକ୍ସ ପ୍ରୋସେସର ଭଳି ଉନ୍ନତ କୌଶଳରେ ସମୃଦ୍ଧ ଏହାର ନୂଆ ୪କେ ମଡେଲର ୧୪ଟି ଟିଭି ମାତ୍ର ଟ. ୫୦,୪୦୦ ରୁ ଟ.୨,୭୬,୯୦୦ରେ ଉପଲବ୍ଧ, ଏହାର ୫ଟି ନୂଆ ମଡେଲର ଅଡିଓ ସେଟ ମାତ୍ର ଟ.୨୨,୯୯୦ ରୁ ଟ.୫୪,୯୯୦ ମଧ୍ୟରେ, ଏହାର ୱାସିଙ୍ଗ ମେସିନ ମଡେଲର ଟପ ଲୋଡ଼ ବିଭାଗରେ ୨୩ଟି ନୂଆ ମଡେଲ ଏବଂ ମିଡିୟମ ଅଟୋମେଟିକ ବିଭାଗରେ ୧୫ଟି ନୂଆ ମଡେଲ ରହିଛି ଯାହା ମାତ୍ର ଟ.୧୧,୬୦୦ ରୁ ଟ.୩୩,୨୦୦ମଧ୍ୟରେ ଉପଲବ୍ଧ ହେଉଥିବା ବେଳେ ଫ୍ରଣ୍ଟ-ଲୋଡ଼ ବିଭାଗରେ ପାନାସୋନିକର ୧୦ଟି ମଡେଲର ମୂଲ୍ୟ ମାତ୍ର ଟ.୩୦,୫୦୦ ରୁ ଟ.୬୭,୦୦ ମଧ୍ୟରେ ରହିଛି । ସେହିପରି ୩୦୫ଏଲ ଏବଂ ୩୩୫ଏଲ ସାମର୍ଥ୍ୟତା ବିଶିଷ୍ଟ ୬ ସ୍ୱିଡ ଇନଭର୍ଟର ପ୍ରୋସେସର ରେଫ୍ରିଜରେଟର ଯଥାକ୍ରମେ ଟ.୩୫,୦୦୦ ଏବଂ ଟ.୪୧,୦୦୦ ରେ ଉପଲବ୍ଧ ହେଉଥିବା ବେଳେ ଏହାର ନୂତନ ଧରଣର 'ଟୋଟାଲ ସଲ୍ୟୁସନ' ଏୟାର କଣ୍ଡିସନର ସିରିଜ ଗୁଡ଼ିକ ୧, ୧.୨, ୧.୫, ୨ ଟନ ସଂସ୍କରଣର ୩ ଷ୍ଟାର ଏବଂ ୫ଷ୍ଟାର ମଡେଲ ମାତ୍ର ଟ୩୯,୯୦୦ ରୁ ଟ.୫୩,୯୯୦ ମଧ୍ୟରେ ଉପଲବ୍ଧ । ଏହାର ମାଇକ୍ରୋୱେଭର ଦୁଇ ନୂଆ ମଡେଲ ଏନଏନ-ସିଡି୩ଜେବିଏଫଡିଜି ଏବଂ ଏନଏନ-ସିଡି୮୭ବିଏଫଡିଜି ମାତ୍ର ଟ.୨୩,୫୯୦ ଏବଂ ଟ.୩୪,୯୯୦ରେ ଉପଲବ୍ଧ । ଏହି ନୂଆ ମଡେଲ ଗୁଡ଼ିକ ସମଗ୍ର ଭାରତରେ ଥିବା ସମସ୍ତ ପାନାସୋନିକ ରିଟେଲ ଷ୍ଟୋର ଗୁଡ଼ିକରେ ଉପଲବ୍ଧ । ଏହି ନୂତନ ଧରଣର ଉପଭୋକ୍ତା ପୋର୍ଟଫୋଲିଓ ବିକାକିଣାକୁ ନିଶ୍ଚିତ ଭାବେ ଅଧିକ ବ୍ୟୟସାପେକ୍ଷ, ବ୍ୟବହାରଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ କରିପାରିବ ।

## ଏସିଆ ରୋଡ୍ ରେସିଂ ଚାମ୍ପିଆନ୍‌ସିପ୍‌ର ସେପାଙ୍ଗ୍ ପର୍ଯ୍ୟାୟରେ ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଚାଳକଙ୍କ ରେସ୍ ଆରମ୍ଭ

ଭୁବନେଶ୍ୱର: ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିଆନ୍‌ସିପ୍ (ଏଆରସିସି)ର ଷଷ୍ଠ ପର୍ଯ୍ୟାୟ ମାଲେସିଆର ସେପାଙ୍ଗ ଆନ୍ତର୍ଜାତିୟସର୍କଟ୍‌ରେ ଆରମ୍ଭ ହୋଇଛି। ତିନିଟି ମାଗଣା ଅଭ୍ୟାସ୍ ପର୍ଯ୍ୟାୟରେ ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଚାଳକ ରାଜୀବ ସେତୁ ଓ ସେନ୍ଥିଲ କୁମାର ସେମାନଙ୍କ ଅଭ୍ୟାସ ଆରମ୍ଭ କରିଛନ୍ତି। ଏଆରସିସିରେ ତୃତୀୟ ଥର ହୋଇଥିଲେ ମଧ୍ୟ ସେପାଙ୍ଗ୍‌ରେ ଦ୍ୱିତୀୟ ଥର ପାଇଁ ରାଜୀବ ଭାଗ ନେଉଛନ୍ତି। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟରେ ସେ ତାଙ୍କ ରେସ୍ ଆରମ୍ଭ କରିଥିଲେ। ଏଥିରେ ଶ୍ରେଷ୍ଠ ଲ୍ୟାପ୍ ସମୟ ସହ ଏସିଆ ପ୍ରଡକ୍ସନ ଶ୍ରେଣୀରେ ସେ ଶ୍ରେଷ୍ଠ ୧୧ରେ ସ୍ଥାନ ପାଇଛନ୍ତି। ସକାଳର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବାରୁ ଶ୍ରେଷ୍ଠ ୧୦ ଭିତରେ କିମ୍ବା ତା'ଠାରୁ ଉପର ସ୍ଥାନରେ ପହଂଚିବା ପାଇଁ ତାଙ୍କ ପାଖରେ ସୁଯୋଗ ରହିଛି। ଏଆରସିସିର ସେପାଙ୍ଗ ପର୍ଯ୍ୟାୟରେ ସେନ୍ଥିଲ ଭଲ ପ୍ରଦର୍ଶନ କରି ୧୭ତମ ସ୍ଥାନରୁ ରେସ୍ ଆରମ୍ଭ କରିବା ସହିତ ୧୪ତମ ସ୍ଥାନରେ ତାହାକୁ ଶେଷ କରିଥିଲେ। ଏହି ୧୮ ବର୍ଷୀୟ ଚାଳକ ସର୍କିଟ୍‌ରେ ନିଜର ଦ୍ୱିତୀୟ ଶ୍ରେଷ୍ଠ ଲ୍ୟାପ୍ ସମୟ ସହ ସେ ନିଜ ସ୍ଥିତିରେ ଉନ୍ନତି ଆଣିଛନ୍ତି। ତୃତୀୟ ପର୍ଯ୍ୟାୟ ଅଭ୍ୟାସ ବେଳେ ସେ ନିଜ ପ୍ରଦର୍ଶନ ଜରିଆରେ ରାଜୀବଙ୍କ ନିକଟତର ହୋଇପାରିଥିଲେ। ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି, ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, 'ଏକମାତ୍ର ଭାରତୀୟ ଟିମ୍ ଭାବେ ଏସିଆର ଏହି ଶ୍ରେଷ୍ଠ ପ୍ରତିଯୋଗିତାରେ ଆମ ଚାଳକମାନଙ୍କ କୌଶଳ ଓ ମେସିନ୍‌ର ଦକ୍ଷତା ସହିତ ସେମାନେ ଶ୍ରେଷ୍ଠମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଯଦିଓ ଏହି ପ୍ରତିଯୋଗିତା ବହୁତ କଷ୍ଟକର ଥିଲା ତଥାପି ଆମର ଉଭୟ ଚାଳକ ଏହି ଟ୍ରାକ୍‌ରେ ସେମାନଙ୍କ ଶ୍ରେଷ୍ଠ ଫିନିସ୍ ହାସଲ କରିଛନ୍ତି। ରାଜୀବ ମଧ୍ୟ ନିରନ୍ତର ଭାବେ ଶ୍ରେଷ୍ଠ ୧୦ ପାଇଁ ନିରନ୍ତର ଲଢ଼େଇ କରୁଛନ୍ତି ଯାହା ହେଉଛି ଚଳିତ ବର୍ଷ ତାଙ୍କର ଟାର୍ଗେଟ୍। ଶ୍ରେଷ୍ଠ ୧୧ରେ ପହଂଚିବା ସହିତ ରାଜୀବ ଜଣେ ଚାଳକ ଭାବେ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି ଏବଂ ତାଙ୍କ ସମୟ ଶ୍ରେଷ୍ଠ ଚାଳକଙ୍କ ପାଖାପାଖି ରହିଛି। ୨୦୧୯ ପ୍ରାରମ୍ଭରେ ଆମେ ଏଆରସିସିରେ ଜଣେ ଯୁବକ ଚାଳକ ଭାବେ ଶ୍ରେଷ୍ଠ ୨୦ରେ ସ୍ଥାନ ପାଉ ବୋଲି ଲକ୍ଷ୍ୟ ରଖିଥିଲୁ। ମାତ୍ର ସେପାଙ୍ଗରେ ସେ ଶ୍ରେଷ୍ଠ ୧୫ ଭିତରକୁ ପ୍ରବେଶ କରିସାରିଛନ୍ତି ଏବଂ ଆମେ ଆସନ୍ତାକାଲି ତାହାକୁ ଦୋହରାଇବାକୁ ଚାହୁଁଛୁ। ଚଳିତ ସପ୍ତାହରେ ଆଇଡେମିସୁ ହୋଣ୍ଡା ଇଣ୍ଡିଆ ପୁଣି ଶ୍ରେଷ୍ଠ ୧୦କୁ ଲକ୍ଷ୍ୟରେ ରଖିଛି।''ଏହି ଅବସରରେ ରାଜୀବ ସେତୁ କହିଛନ୍ତି ଯେ, ଏହା ହେଉଛି ସେପାଙ୍ଗରେ ମୋର ଦ୍ୱିତୀୟ ରେସ୍ ଏବଂ ଆଜି ସକାଳେ ମୁଁ ଟ୍ରାକ୍‌କୁ ଭଲ ଭାବେ ବୁଝିପାରିଛି। ଆସନ୍ତାକାଲି ମୁଁ ମୋ ପ୍ରଦର୍ଶନରେ ଆହୁରି ଉନ୍ନତି ଆଣି ଶ୍ରେଷ୍ଠ ୧୦ରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ସେହି ସମୟରେ ସେନ୍ଥିଲ କହିଛନ୍ତି ଯେ, 'ସେପାଙ୍ଗରେ ଦ୍ୱିତୀୟ ଥର ରେସ୍‌ରେ ଭାଗ ନେଉଥିବାରୁ ମୋ ମନରେ ବିଶ୍ୱାସ ବଢ଼ିଛି। ଆସ'ାକାଲି ମୁଁ ଶ୍ରେଷ୍ଠ ୧୫ରେ ରେସ୍ ଶେଷ କରିବାକୁ ଚାହୁଁଛି।

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଜାସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି। ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସ୍ଟ, ୟୁଏସ୍‌ଏମ୍‌ଏଲ୍‌ଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ। ସିବନ ହସ୍ପିଟାଲ୍ ଏହି ଏଫ୍‌ଏମ୍‌ଜିଇ ତାଲିମ ପାଇଁ ଆରାଇଜ୍ ମେଡ଼ିକାଲ୍ ଏକାଡ଼େମୀ, ହାଇଦ୍ରାବାଦ ସହିତ ମଧ୍ୟ ହାତ ମିଳାଇଛି। ବିଦେଶୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଏହି ୧୦ ଦିନର ତାଲିମ ସେମାନଙ୍କୁ ଏକ ଉତ୍ତମ ଡାକ୍ତର ହେବା ନିମନ୍ତେ ଆବଶ୍ୟକ ସମସ୍ତ ଦକ୍ଷତା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ଡା. ସୁଭାଷିଶ ମିତ୍ର, ନିର୍ଦ୍ଦେଶକ, ସିବନ ହସ୍ପିଟାଲ୍ କହିଛନ୍ତି, 'ତାଲିମ ସମୟରେ ଛାତ୍ରଛାତ୍ରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧାସୁଯୋଗ ପାଇପାରିବେ। ତାଲିମ ଗ୍ରହଣକାରୀମାନଙ୍କୁ ସିବନ ହସ୍ପିଟାଲ୍ ଏକ ଉତ୍ତମ କ୍ଷେତ୍ର ପ୍ରଦାନ କରିବ, ଯେଉଁଠାରେ ସେମାନେ ପ୍ରାକ୍ଟିକାଲ୍ ଜ୍ଞାନ ଲାଭ କରିବେ। ଏହି ତାଲିମ ଅଧିବେଶନରେ ମେଡ଼ିକାଲ୍ ଛାତ୍ରଛାତ୍ରୀମାନଙ୍କୁ ଏକ ଅଭିନବ ପ୍ଲାଟଫର୍ମ ପ୍ରଦାନ କରି ଉନ୍ନତ ମାନର ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ।'

## ରେଡ୍ ବୁଲ୍ ଉପସ୍ଥାପନ କରୁଛି ଜାଭିୟର ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ମ୍ୟୁଜିକ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର: ଭାରତୀୟ ସଙ୍ଗୀତ ଜଗତରେ ନ୍ୟୁକ୍ଲିୟା ନିଜର ପ୍ରତିଭା ବଦଳରେ କମ୍ ସମୟ ଭିତରେ ଶିଖରରେ ପହଂଚିପାରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୯ରେ ସେ ଜାଭିୟର ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ମୁମ୍ବାଇର ହିପ୍ ହପ୍ ବ୍ୟାଣ୍ଡ୍ ବମ୍ବେ ବସେ୍‌ମେଂଟ୍ ସହ କାର୍ଯ୍ୟକ୍ରମ ପରିବେଷଣ କରିବେ।ନ୍ୟୁକ୍ଲିୟାଙ୍କ କାହାଣୀ ରୋମାଂଚକ। ସ୍କୁଲ ଶିକ୍ଷା ଶେଷ କରିବା ପୂର୍ବରୁ ସେ ବନ୍ଦିସ୍ ପ୍ରୋଜେକ୍ଟ ସହ ସାମିଲ ହୋଇଛି। ନିଜ ସ୍ୱରୂ ସହ ଅନେକ ପରୀକ୍ଷା ନିରୀକ୍ଷା କରିବା ପରେ ସେ ନିଜେ ଏକା ଏକା ଆଗକୁ ବଢ଼ିବାକୁ ନିଷ୍ପତି ନେଇଥିଲେ ଏବଂ ଜବରଦସ୍ତ ସଫଳତା ହାସଲ କରିଥିଲେ। ବିଗତ ପାଂଚ ବର୍ଷ ଭିତରେ ସେ ଦୁଇଟି ଇପି ଏବଂ ଦୁଇଟି ଆଲ୍‌ବମ୍ ରିଲିଜ୍ କରିଛନ୍ତି। ଭାରତରେ କାର୍ଯ୍ୟକ୍ରମ ପରିବେଷଣ କରିବା ବେଳେ ଷ୍ଟାଡିୟମ୍ ଫୁଲ୍ ହୋଇଯାଏ। ରେଡ୍ ବୁଲ୍ ମିଡିଆ ହାଉସ୍‌ର ବୃତଚିତ୍ର ରାଇଡ୍ ଟୁ ଦି ରୁଟସ୍‌ରେ ନ୍ୟୁକ୍ଲିୟାଙ୍କ ଜୀବନ ବୃତାନ୍ତ ସ୍ଥାନିତ ହୋଇଥିଲା। ଭାରତର ଅନ୍ୟତମ ପ୍ରସିଦ୍ଧ ହିପ୍ ହପ୍ ବ୍ୟାଣ୍ଡ୍ ମୁମ୍ବାଇର ବମ୍ବେ ବେସ୍‌ମେଂଟ୍ ୨୦୧୦ ପରଠାରୁ କାର୍ଯ୍ୟ କରୁଛି।

## ଭାରତର ଅଗ୍ରଣୀ ଇ-ଲର୍ଣ୍ଣିଙ୍ଗ ପ୍ଲାଟଫର୍ମ ସହିତ ଟିକ୍‌ଟକ୍‌ର ସହବନ୍ଧିତା

ଭୁବନେଶ୍ୱର: ବିଶ୍ୱସ୍ତରରେ ଅଗ୍ରଣୀ ସର୍ଟ ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍; ବେଦାନ୍ତୁ, ବିଦ୍ୟାଗୁରୁ, ହେଲୋ ଇଂଲିଶ, ସ୍ପିକିଙ୍ଗ ଏବଂ ଟେଷ୍ଟବୁକ ଭଳି ପ୍ରମୁଖ ଶିକ୍ଷା କୌଶଳ କମ୍ପାନୀ ଗୁଡ଼ିକ ସହ ସହବନ୍ଧିତା କରି ଏହାର ପ୍ରଚଳିତ ଜ୍ଞାନ ସମ୍ବନ୍ଧିତ ଅଭିଯାନ #ଏଡୁଟକ୍‌ର ଏକ ଅଂଶ ଭାବେ ପାଠ୍ୟକ୍ରମ କେନ୍ଦ୍ରିତ ବିଷୟବସ୍ତୁ ପ୍ରସ୍ତୁତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି। ବିଭିନ୍ନ ଫର୍ମାଟ ଏବଂ ଭାଷାରେ ଶିକ୍ଷା ସମ୍ବନ୍ଧିତ ବିଷୟବସ୍ତୁ ପ୍ରସ୍ତୁତ କରିବା ପାଇଁ ଅଗ୍ରଣୀ ବ୍ୟବସାୟୀ ମାନଙ୍କ ମିଳିତ ସହଯୋଗରେ ୨୦୦ ନିୟୁତରୁ ଅଧିକ ଟିକ୍‌ଟକ୍ ବ୍ୟବହାରକାରୀ ମାନଙ୍କୁ ଶିଖିବା ଏବଂ ବ୍ୟକ୍ତିତ୍ୱ ଭାବେ ବିକଶିତ ହେବାର ସୁଯୋଗ ପ୍ରଦାନ କରିବା ହେଉଛି ଏହି ସହବନ୍ଧିତାର ମୂଳ ଲକ୍ଷ୍ୟ। ଏହି ସହବନ୍ଧିତାର ଅଂଶୀଦାର ଭାବେ ଏହି ଏଡଟେକ୍ କମ୍ପାନୀ ଗୁଡ଼ିକ ଉକ୍ତ ଅଭିଯାନରେ ସାମିଲ ହେବା ସହ ଅନେକ ବିଷୟବସ୍ତୁ ଆଧାରିତ ଭିଡିଓ ପ୍ରସ୍ତୁତ କରିଛନ୍ତି ଯାହାକି ଟିକ୍‌ଟକ୍ ବ୍ୟବହାରକାରୀ ମାନଙ୍କୁ ବ୍ୟବସ୍ଥିତ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହୋଇ ପାରିବ । ୩୭ ବିଲିୟନ ଭିୟୁ ସହିତ ଟିକ୍‌ଟକ୍‌ରେ #ଏଡୁଟକ ହେଉଛି ସବୁଠାରୁ ଲମ୍ବା ଚାଲୁଥିବା ଅଭିଯାନ। ଅନେକ ବିଷୟ ଗୁଡ଼ିକ ମଧ୍ୟରୁ ସାମାଜିକ ବିଜ୍ଞାନ, ଇଂରାଜୀ, ଗଣିତ, ହିନ୍ଦୀ, ଜୀବବିଜ୍ଞାନ, ପଦାର୍ଥବିଜ୍ଞାନ ଭଳି ବିଷୟ ବସ୍ତୁ ବ୍ୟତୀତ ଏହି ଅନ୍‌ଲାଇନ ଲର୍ଣ୍ଣିଙ୍ଗ ପ୍ଲାଟଫର୍ମ #ଏଡୁଟକ୍ ଅଧିନରେ କରେଣ୍ଟ ଅଫେୟର, ଭୋକାବୁଲାରୀ ଏବଂ ଏମବିଏ ଭଳି ପୋଷ୍ଟ ଗ୍ରାଜୁଏଟ ପ୍ରୋଗ୍ରାମ ସମ୍ପର୍କିତ ଭିଡିଓ ମଧ୍ୟ ପ୍ରସ୍ତୁତ ହୋଇଛି । ଏହି ସମ୍ପର୍କରେ ଟିକ୍‌ଟକ୍ ଇଣ୍ଡିଆର ସେଲସ୍ ଏବଂ ପାର୍ଟନରସିପ୍ ନିର୍ଦ୍ଦେଶକ ଶ୍ରୀ ସଚିନ ଶର୍ମା କହିଛନ୍ତି ଯେ, 'ପ୍ରତିଷ୍ଠିତ ଶୈକ୍ଷିକ ସହଯୋଗୀ ମାନେ ଆମର ଏହି ଅଭିଯାନରେ ସାମିଲ ହୋଇ ଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ ଏବଂ ଦର୍ଶକ ମାନେ ଯେଭଳି ଏହାର ଲାଭ ଉଠାଇ ପାରନ୍ତି ଆମେ ସେହି ଅପେକ୍ଷାରେ ରହିଛୁ ।' ବେଦାନ୍ତୁର ସହ ପ୍ରତିଷ୍ଠାତା ଶ୍ରୀ ଆନନ୍ଦ ପ୍ରକାଶ କହିଛନ୍ତି ଯେ, 'ବେଦାନ୍ତୁରେ ଆମେ ସମସ୍ତ ବ୍ୟବଧାନକୁ କମାଇ ଦେଶର ସମସ୍ତ ସହର ଏବଂ ଗ୍ରାମୀଣ କ୍ଷେତ୍ରରେ ଗୁଣବତ୍ତା ସମ୍ପର୍ଣ୍ଣ ଶିକ୍ଷା ଉପଲବ୍ଧ କରାଇବା ନିମନ୍ତେ ଲକ୍ଷ୍ୟ ରଖିଥିବା ବେଳେ #ଏଡୁଟକ ଭଳି ଅଭିଯାନ ଏହାକୁ ଯଥାର୍ଥତା ପ୍ରଦାନ କରୁଛି।'

## ସିମେଣ୍ଟ ଉଦ୍ୟୋଗରେ ସର୍ବବୃହତ କାର୍ବନ କ୍ୟାପଚର ପ୍ଲାଣ୍ଟ ପାଇଁ ଡାଲମିଆ ସିମେଣ୍ଟ ଓ କାର୍ବନ କ୍ଲିନ ସଲ୍ୟୁସନ୍ ସହବନ୍ଧିତ



ନୂଆଦିଲ୍ଲୀ :ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ ପକ୍ଷରୁ ତାମିଲନାଡୁ ସ୍ଥିତ ସିମେଣ୍ଟ ପ୍ଲାଣ୍ଟରେ ବାର୍ଷିକ ୫୦୦,୦୦୦ ଟନ କ୍ଷମତାର କାର୍ବନ କ୍ୟାପଚର ପ୍ଲାଣ୍ଟ ନିର୍ମାଣ କରିବାକୁ ଘୋଷଣା କରାଯାଇଛି । ଏଥିପାଇଁ କମ୍ପାନୀ ବ୍ରିଟେନର କାର୍ବନ କ୍ଲିନ ସଲ୍ୟୁସନ୍ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । କାର୍ବନ କ୍ଲିନ ସଲ୍ୟୁସନ୍ ଏହାର ସିଡିଆରମାକ୍ସ ପ୍ରଯୁକ୍ତିର ବ୍ୟବହାର କରି ସ୍ୱଳ୍ପ ମୁଲ୍ୟରେ କାର୍ବନ ଡାଇଅକ୍ସାଇଡ (ଉଙ୨) ଅଲଗା କରିବା ପ୍ରଯୁକ୍ତି ପାଇଁ ପ୍ରସିଦ୍ଧ । ବର୍ତ୍ତମାନ ଚାଇନା ଏବଂ ୟୁରୋପର କିଛି ସିମେଣ୍ଟ ପ୍ଲାଣ୍ଟରେ ଛୋଟ ଧରଣର କାର୍ବନ କ୍ୟାପଚର ପ୍ଲାଣ୍ଟ ବସାଯାଇଛି । ତେବେ ସିମେଣ୍ଟ ଉଦ୍ୟୋଗରେ ଆଜି ପର୍ଯ୍ୟ' ଏତେ ବଡ କ୍ଷମତା ଘୋଷଣା କରାଯାଇନଥିଲା । ଅନ୍ୟ ଉଦ୍ୟୋଗ ମାନଙ୍କୁ ବା କେମିକାଲ ନିର୍ମାତା ମାନଙ୍କୁ ସିଧା ସଳଖ ବିକ୍ରି ଛଡା ଏହି ବୃହତ ପ୍ଲାଣ୍ଟରୁ ମିଳୁଥିବା କାର୍ବନ ଡାଇଅକ୍ସାଇଡ ର ବିଭିନ୍ନ ଉପଯୋଗ ଉପରେ ଅନୁସନ୍ଧାନ କରାଯିବ । ଡାଲମିଆ ସିମେଣ୍ଟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ର ସିଂଘି କହିଛନ୍ତି, 'ବର୍ତ୍ତମାନ ଜଳବାୟୁ ସଙ୍କଟର ସମାଧାନ ପାଇଁ ସମୟ ଆସିଛି । ଏକ ପ୍ରଗତିଶୀଳ ଉଦ୍ୟେଗ ଭାବରେ ଡାଲମିଆ ସିମେଣ୍ଟ ୨୦୪୦ ସୁଦ୍ଧା କାର୍ବନ ନେଗେଟିଭ୍ ହେବା ପାଇଁ ପ୍ରତିଶୃତିବଦ୍ଧ । ସିମେଣ୍ଟ ଉତ୍ପାଦନ ବେଳେ କ୍ୟାପଚରିଂ ପ୍ରକ୍ରିୟା ମହତ୍ୱପୂର୍ଣ୍ଣ । ୨୦୪୦ ସୁଦ୍ଧା କାର୍ବନ ଶୁନ୍ୟ ହେବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଉପଯୋଗୀ ହେବ ।' କାର୍ବନ କ୍ଲିନ ସଲ୍ୟୁସନ୍ ର ସହ ସଂସ୍ଥାପକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ଶର୍ମା କହିଛନ୍ତି, 'ଏହି ଉଦ୍ୟୋଗର ଅଗ୍ରଣୀ ପ୍ରଦର୍ଶନ ପରିଯୋଜନାରେ ଡାଲମିଆ ସହ ସହବନ୍ଧିତ ହୋଇ ଆମେ ଉତ୍ସାହିତ । ଡିକାର୍ବନାଇଜେସନ ପାଇଁ ଆମର ସ୍ୱଳ୍ପ ମୁଲ୍ୟର ମଡୁଲାର ଉଙ୨ କ୍ୟାପଚର୍ ପ୍ରଯୁକ୍ତି ବ୍ୟବହାର କରି ଡାଲମିଆ ସିମେଣ୍ଟ କୁ ସମାଧାନ ଯୋଗାଇ ଦେବାକୁ ଯୋଜନା କରିଛୁ ।' ସିମେଣ୍ଟ ଉତ୍ପାଦନ ରେ ବ୍ୟବହୃତ ଚୁନପଥରର କ୍ୟାଲସିନେସନ ପ୍ରକ୍ରିୟାରେ ହେଉଥିବା ନିର୍ଗମ ଯୋଗୁ ସିମେଣ୍ଟ ଉଦ୍ୟୋଗକୁ ହାର୍ଡ -ଟୁ- ଆବେଟ କ୍ଷେତ୍ରଭାବରେ ପରିଗଣନା କରାଯାଏ । କଂକ୍ରିଟ ଉତ୍ପାଦନ ପାଇଁ ସିମେଣ୍ଟ ଏକ ଅତ୍ୟାବଶ୍ୟକିୟ ନିର୍ମାଣ ସାମଗ୍ରୀ ଅଟେ । ଯଦିଓ କିଛି ସିମେଣ୍ଟ ନିର୍ମାଣରେ ଚୁନ ପଥର କ୍ୟାଲସିନେସନ୍‌ର ଆବଶ୍ୟକତା ନାହିଁ । କିନ୍ତୁ ଏହା ପାଇଁ ବିକଳ୍ପ ଖଣିଜ ପଦାର୍ଥ ଆବଶ୍ୟକ । ସଧାରଣ ପ୍ରକ୍ରିୟାରେ ଉତ୍ପାଦନରେ ନିର୍ଗମ କମ କରିବା ପାଇଁ କ୍ୟାପଚର ପ୍ରକ୍ରିୟାରେ ଉଙ୨ ନିୟନ୍ତ୍ରଣ ଏକ ମାତ୍ର ଉପାୟ ।ସିମେଣ୍ଟ ଉଦ୍ୟୋଗରୁ ପ୍ରଥମ କମ୍ପାନୀ ଭାବରେ ଡାଲମିଆ ସିମେଣ୍ଟକୁ ୟୁଏନ ସେକ୍ରେଟାରୀ ଜେନେରାଲଙ୍କ ତରଫରୁ ଚଳିତବର୍ଷ ସେପ୍ଟେମ୍ବର ୨୩ ତାରିଖରେ ହେବାକୁ ଥିବା କ୍ଲାଇମେଟ ଆକ୍ସନ ସମିଟ୍ ରେ ଉଦ୍‌ବୋଧନ ଦେବା ପାଇଁ ନିମନ୍ତ୍ରିତ କରାଯାଇଛି । କମ୍ପାନୀ ତରଫରୁ ବିଶ୍ୱସ୍ତରରେ ସବୁଜ ସିମେଣ୍ଟ ଉତ୍ପାଦନ ପାଇଁ ଅନେକ ଯୋଜନା କରାଯାଇଛି ।

## ଏଫବିବି ପକ୍ଷରୁ ନୂତନ ପୂଜା କଲେକ୍ସନ ସହ ଆକର୍ଷଣୀୟ ଅଫର

ଭୁବନେଶ୍ୱର: ଯେମିତିକି ଦୁର୍ଗା ପୂଜା ଆଉ ମାତ୍ର ଅଳ୍ପ ସପ୍ତାହ ବାକି ରହିଛି ଏବଂ ଏହିଭଳି ସମୟରେ ଏଫବିବିର ନୂତନ ପୂଜା ଉପଯୋଗୀ କଲେକ୍ସନ ସହ ଉତ୍ସାହକୁ ଧରି ରଖିବା ଆହୁରି କଷ୍ଟକର ହୋଇ ଯାଇଛି । ଏଫବିବିର ଏହି ଅଫର ସହ ଆପଣ ପୂଜା ପାଇଁ ନିଜ ଲୁକ କୁ ନେଇ ଯୋଜନା କରି ପାରିବେ ଏବଂ ନିକଟସ୍ଥ ଏଫବିବି ଷ୍ଟୋରକୁ ଯାଇ ସପିଙ୍ଗ ମଧ୍ୟ କରିପାରିବେ । ଏଫବିବିର ଏହି ନୂଆ ପୂଜା ଉପାଯାଗୀ କଲେକ୍ସନ ମାତ୍ର ଟ.୫୯୯/- ରୁ ଆରମ୍ଭ ଯାହକି ଉତ୍ସବ, ସୌଖୀନତା ଏବଂ ଉତ୍କୃଷ୍ଟତାର ଏକ ଉପଯୁକ୍ତ ସମିଶ୍ରଣ । ଏଫବିବିର ଏହି ନୂଆ ପୂଜା ଉପାଯୋଗୀ କଲେକ୍ସନ ମହିଳା, ପୁରୁଷ ଏବଂ ଛୋଟ ପିଲା ମାନଙ୍କ ପାଇଁ ବ୍ୟାପକ ସୌଖୀନ ପାର୍ବଣ ପରିଧାନ ନେଇ ଆସିଛି । ଆପଣ ଏଫବିବିର ଏହି ସୌଖୀନ କଲେକ୍ସନର ସପିଙ୍ଗରେ ଆକର୍ଷଣୀୟ ଡିଜିଟାଲ ଭାଉଚର ମଧ୍ୟ ପାଇ ପାରିବେ । ଆପଣ ୩୦୦୦ଟଙ୍କାର ସପିଙ୍ଗରେ ୩୦୦ଟଙ୍କାର ଭାଉଚର, ୪୦୦୦ଟଙ୍କାର ସପିଙ୍ଗରେ ୫୦୦ଟଙ୍କାର ଭାଉଚର ଏବଂ ୭୦୦୦ଟଙ୍କାର ସପିଙ୍ଗରେ ୧୦୦୦ଟଙ୍କାର ଭାଉଚର ପାଇ ପାରିବେ । ଏହି କଲେକ୍ସନ ସମ୍ପର୍କରେ ଫ୍ୟୁଚର ରିଟେଲ ଲିମିଟେଡ, ଇଷ୍ଟ ଜୋନର କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି, 'ଏଫବିବିରେ ଏହି ପାର୍ବଣ ଭିତ୍ତିକ କଲେକ୍ସନ ଶୁଭାରମ୍ଭ କରି ଆମେ ଅତ୍ୟନ୍ତ ଆନନ୍ଦିତ ଯାହକି ଆମର ସମସ୍ତ ଗ୍ରାହକମାନଙ୍କର ଉତ୍ସବ ପାଳନକୁ ଆହୁରି ଦ୍ୱିଗୁଣିତ କରିଦେବ ।' ଏହା ବ୍ୟତୀତ ଏହି ନୂଆ ପୂଜା ଉପଯୋଗୀ କଲେକ୍ସନ ସହରର ସମସ୍ତ ଏଫବିବି ଷ୍ଟୋର ଏବଂ ବିଗ ବଜାର ଷ୍ଟୋର ଗୁଡ଼ିକରେ ଉପଲବ୍ଧ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray